Bhubaneswar- 6 June 2026
ଭୁବନେଶ୍ୱର- ୬ ଜୁନ୍ ୨୦୨୬
Vol- 1 Issue - 41
ଭାଗ- ୧ ସଂଖ୍ୟା- ୪୧
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
## THE PRATISHABDA




## ଗୁଜୁରାଟ ଗସ୍ତରେ ପ୍ରଧାନମନ୍ତ୍ରୀ / ତୈଳ ସଙ୍କଟ ବିଶ୍ୱକୁ ଅସ୍ଥିର କରିଦେଉଛି

### ୧୮୮୦୦ କୋଟି ପ୍ରକଳ୍ପର କଲେ ଉଦ୍‌ଘାଟନ, ଲୋକାର୍ପଣ ଓ ଶିଳାନ୍ୟାସ

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି (ଶୁକ୍ରବାର) ଗୁଜରାଟ ଗସ୍ତରେ ଅଛନ୍ତି। ଏହି ସମୟରେ ସେ ସୁରଟରେ ୧୮୮୦୦ କୋଟିରୁ ଅଧିକ ମୂଲ୍ୟର ଅନେକ ବିକାଶମୂଳକ ପ୍ରକଳ୍ପର ଉଦଘାଟନ, ଲୋକାର୍ପଣ ଏବଂ ଶିଳାନ୍ୟାସ କରିଛନ୍ତି, ଯେଉଁଥିରେ ରାସ୍ତା, ବିଦ୍ୟୁତ୍ ଏବଂ ଶିଳ୍ପ କ୍ଷେତ୍ର ସହିତ ଜଡିତ ପ୍ରକଳ୍ପ ସାମିଲ ରହିଛି। ସୁରଟରେ ଏକ ଜନସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ସୁରଟର ବୃତ୍ତାକାର ଜଳ ଅର୍ଥନୀତିକୁ ନେଇ ଆଜିକାଲି ବ୍ୟାପକ ଭାବରେ ଆଲୋଚନା ହେଉଛି। ବର୍ତ୍ତମାନର ପ୍ରୟାସ ହେଉଛି ଆଗାମୀ ଦଶନ୍ଧି ଧରି ସୁରଟ ପାଇଁ ସମ୍ପୂର୍ଣ୍ଣ ଜଳ ଯୋଗାଣ ସୁନିଶ୍ଚିତ କରିବା। ଏହି ଉଦ୍ଦେଶ୍ୟରେ ତାପି ବ୍ୟାରେଜ୍ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି ଯେ ଆଜି ଅନେକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ ସୁରଟର ବିକାଶକୁ ତ୍ୱରାନ୍ୱିତ କରିବ। ଆଜି ଭାରତ ପ୍ରକୃତି ସହିତ ସମନ୍ୱୟ ରଖି ପ୍ରଗତି ମନ୍ତ୍ର ସହିତ ପ୍ରଗତି ହାସଲ କରୁଛି, ଅର୍ଥନୀତି ଏବଂ ପରିବେଶ ଉଭୟ। ତାଙ୍କ ଅଭିଭାଷଣ ସମୟରେ, ପ୍ରଧାନମନ୍ତ୍ରୀ ମୋଦୀ କଂଗ୍ରେସ ଦଳ ଉପରେ ମଧ୍ୟ କଠୋର ଆକ୍ରମଣ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ଆଜି ଦେଶର କିଛି ନିରାଶାବାଦୀ ଆତ୍ମନିର୍ଭର ଭାରତ ଅଭିଯାନକୁ ଉପହାସ କରୁଛନ୍ତି। କେତେକ ଭାରତକୁ ନୀଚ କରିବାକୁ ଚାହୁଁଛନ୍ତି। ଏମାନେ ହେଉଛନ୍ତି ସେହି ଲୋକ ଯେଉଁମାନେ ଭାରତକୁ ସବୁବେଳେ ଅନ୍ୟ ଦେଶ ଉପରେ ନିର୍ଭରଶୀଳ କରି ରଖିଛନ୍ତି। ସେମାନେ ଭୁଲିଯାଆନ୍ତି ଯେ ଅନ୍ୟ ଉପରେ ନିର୍ଭରଶୀଳ ଦେଶ କେବେବି ବିକାଶର ଉଚ୍ଚତା ହାସଲ କରିପାରିବ ନାହିଁ । ଭାରତ ନକାରାତ୍ମକତାରୁ ଆଗକୁ ବଢ଼ିଛି। ଏହା ଆଶାବାଦରେ ପରିପୂର୍ଣ୍ଣ ଏବଂ ଅସାଧାରଣ ଆକାଂକ୍ଷା ଦ୍ୱାରା ପରିଚାଳିତ ଏକ ରାଷ୍ଟ୍ର। ଭାରତର ନାଗରିକ ମାନେ ସ୍ୱପ୍ନ ଏବଂ ଦୃଢ଼ତାରେ ପରିପୂର୍ଣ୍ଣ, ଏବଂ ଲୋକମାନେ



ସେହି ଦୃଢ଼ତାକୁ ବାସ୍ତବତାରେ ପରିଣତ କରିବାକୁ ପ୍ରତିବଦ୍ଧ। ଯେତେବେଳେ ଏକ ରାଷ୍ଟ୍ରର ସାମୂହିକ ଇଚ୍ଛା ଏତେ ଦୃଢ଼, ଏହା ଯେକୌଣସି ଲକ୍ଷ୍ୟ ହାସଲ କରିପାରିବ। ଆପଣ ଦୁଇଟି ପଦକ୍ଷେପ ନେବେ, ମୁଁ ତିନୋଟି ନେବାକୁ ପ୍ରସ୍ତୁତ। ଆମେ ସ୍ଥିରତା ଏବଂ କ୍ଳାନ୍ତିକୁ ଗ୍ରହଣ କରିବୁ ନାହିଁ। କୌଣସି ଦଳ ଏତେ ଦିନ ଧରି ଲୋକଙ୍କ ଆଶୀର୍ବାଦ ପାଇନାହିଁ। ଲୋକ ମାନେ ଆମର ସେବା ମନୋଭାବକୁ ସମର୍ଥନ କରିଛନ୍ତି। ଆମକୁ ଏକ ବିକଶିତ ଭାରତ ପାଇଁ ଆମର ସଂକଳ୍ପ ପୂରଣ କରିବାକୁ ପଡିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, 'ଆଜି ବିଶ୍ୱ ଅଭୂତପୂର୍ବ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। କିଛି ସମୟ ପୂର୍ବରୁ ମୁଁ କହିଥିଲି ଯେ, ଏହି ଦଶନ୍ଧି ବିଶ୍ୱ ପାଇଁ ବିପର୍ଯ୍ୟୟର ଦଶନ୍ଧି ପ୍ରମାଣିତ ହେଉଛି। ଆମେ ଗୋଟିଏ ପରେ ଗୋଟିଏ ବିଶ୍ୱ ବିପର୍ଯ୍ୟୟ ଦେଖୁଛୁ। ପ୍ରଥମେ ବଡ଼ କୋଭିଡ୍-୧୯ ସଙ୍କଟ ଆସିଥିଲା; ତା'ପରେ ସବୁଠି ଯୁଦ୍ଧ ଆରମ୍ଭ ହୋଇଥିଲା, ଏବଂ ଏବେ ଏହି ବିଶାଳ ଶକ୍ତି ସଙ୍କଟ। ଏହା ସମଗ୍ର ବିଶ୍ୱକୁ ଅସ୍ଥିରତାରେ ପକାଇ ଦେଇଛି। ବିଶ୍ୱବ୍ୟାପୀ ପେଟ୍ରୋଲ ମୂଲ୍ୟରେ ପରିବର୍ତ୍ତନ ହେଉଛି, ଏବଂ ଗ୍ୟାସ ଯୋଗାଣ ଶୃଙ୍ଖଳ ଭୁଶୁଡ଼ି ପଡୁଛି। ମୁଁ ସନ୍ତୁଷ୍ଟ ଯେ ୧୪୦ କୋଟି ଭାରତୀୟଙ୍କ ସାମୂହିକ ପ୍ରୟାସରେ, ଦେଶ ଏପରି ପ୍ରତ୍ୟେକ ସଙ୍କଟର ସାମର୍ଥ୍ୟ ସହିତ ମୁକାବିଲା କରୁଛି।

### ରିଜର୍ଭ ବ୍ୟାଙ୍କର ବଡ଼ ଘୋଷଣା

## ରେପୋରେଟ୍ ୫.୨୫%ରେ ଅପରିବର୍ତ୍ତିତ


■ ନୂତନ ମୁଦ୍ରା ନୀତି ଘୋଷଣା:ବଢ଼ିବନି ସୁଧ ହାର

**ନୂଆଦିଲ୍ଲୀ:** ରେପୋ ରେଟ୍ ଅପିରବର୍ତ୍ତିତ । କମିବନି ଇଏମଆଇ । ଭାରତୀୟ ରିଜର୍ଭ ବ୍ୟାଙ୍କ ଜୁନ୍ ୨୦୨୬ ପାଇଁ ଏହାର ମୁଦ୍ରା ନୀତିରେ ରେପୋ ହାରକୁ ଅପରିବର୍ତ୍ତିତ ରଖିଛି । ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଲଗାତାର ତୃତୀୟ ଥର ପାଇଁ ରେପୋ ହାରକୁ ଅପରିବର୍ତ୍ତିତ ରଖିଛନ୍ତି । ୫.୨୫%ରେ ଅପରିବର୍ତ୍ତିତ ରହିଲା ରେପୋ ରେଟ୍ । ଘରୋଇ ଅଭିବୃଦ୍ଧି ହାର ଆକଳନ ୬.୬ ପ୍ରତିଶତକୁ ହ୍ରାସ ହୋଇଛି । ମାନ୍ଦାବସ୍ଥା ନିୟନ୍ତ୍ରଣାଧୀନ ଥିବା ନେଇ ସଞ୍ଜୟ ମଲହୋତ୍ରା ସୂଚନା ଦେଇଛନ୍ତି । ଆରବିଆଇ ଶେଷ ଥର ପାଇଁ ଡିସେମ୍ବର ୨୦୨୫ରେ ସୁଧ ହାରକୁ ହ୍ରାସ କରି ଏହାକୁ ୫.୫ ପ୍ରତିଶତରୁ ୫.୨୫ ପ୍ରତିଶତକୁ ହ୍ରାସ କରିଥିଲା । ଆରବିଆଇ ଏମପିସି ମିଟିଂରେ ରେପୋ ହାରକୁ ସ୍ଥିର ରଖିବା ସହିତ, ରିଜର୍ଭ ବ୍ୟାଙ୍କ ଅନ୍ୟାନ୍ୟ ପ୍ରମୁଖ ସୁଧ ହାରକୁ ମଧ୍ୟ ଅପରିବର୍ତ୍ତିତ ରଖିଛି। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ ସ୍ଥାୟୀ ଜମା ସୁବିଧା ହାର ୫%ରେ ରହିବ। ମାର୍ଜିନାଲ୍ ସ୍ଥାୟୀ ସୁବିଧା ହାର ଏବଂ ବ୍ୟାଙ୍କ ହାର ମଧ୍ୟ ୫.୫% ରେ ଅପରିବର୍ତ୍ତିତ ରହିଛି । ଏହା ସ୍ପଷ୍ଟ ଭାବରେ ସୂଚାଇ ଦିଏ ଯେ କେନ୍ଦ୍ରୀୟ ବ୍ୟାଙ୍କ ଅନ୍ୟାନ୍ୟ ପ୍ରମୁଖ ମୁଦ୍ରା ନୀତି ହାରରେ କୌଣସି ପରିବର୍ତ୍ତନ କରିନାହିଁ । ଖାଲି ସେତିକି ନୁହେଁ ଦେଶରେ ବଢ଼ିବ ଦରଦାମ ବୃଦ୍ଧି । ଯୁଦ୍ଧ ଏବଂ ଏଲ୍ ନିନୋକୁ କାରଣ ବୋଲି ଦର୍ଶାଇଛନ୍ତି ଆରବିଆଇ ଗଭର୍ଣ୍ଣର । ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ, ଗତ କିଛି ମାସ ଧରି ବିଶ୍ୱ ଅର୍ଥନୀତିରେ ଯଥେଷ୍ଟ ଅସ୍ଥିରତା ଦେଖାଦେଇଛି। ପ୍ରମୁଖ ବାଣିଜ୍ୟ ମାର୍ଗ ଏବଂ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହୋଇଛି, ବଜାର ଅସ୍ଥିରତା ବୃଦ୍ଧି ପାଇଛି



ଏବଂ କମ୍ପାନୀଗୁଡ଼ିକ ସେମାନଙ୍କର କାର୍ଯ୍ୟ ପ୍ରତି ସତର୍କତା ବଢ଼ାଉଛନ୍ତି । ଏହି ବିଶ୍ୱ ଅସ୍ଥିରତା ମଧ୍ୟରେ, ଭାରତୀୟ ଅର୍ଥନୀତିର ମୌଳିକ ତତ୍ତ୍ୱ ଗତ ଥର ଅପେକ୍ଷା ବହୁତ ଶକ୍ତିଶାଳୀ ଏବଂ ଭଲ । ଆମେ ନିଶ୍ଚିତ ଯେ ଆମେ ସର୍ବନିମ୍ନ କ୍ଷତି ସହିତ ଏହି ବାହ୍ୟ ଆଘାତକୁ ମୁକାବିଲା କରିବାକୁ ସମ୍ପୂର୍ଣ୍ଣ ସକ୍ଷମ । ମୁଦ୍ରାସ୍ଫୀତି ପୂର୍ବାନୁମାନ- ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଦ୍ୱିମାସିକ ନୀତି ସମୀକ୍ଷା ବୈଠକ ପରେ କହିଥିଲେ ଯେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ସିପିଆଇ ମୁଦ୍ରାସ୍ଫୀତି ହାର ୫.୧% ରହିବ । ହାର ନିର୍ଦ୍ଧାରଣ କମିଟି ମୂଳ ମୁଦ୍ରାସ୍ଫୀତି ପୂର୍ବାନୁମାନକୁ ୪.୭% ବଜାୟ ରଖିବାକୁ ନିଷ୍ପତ୍ତି ନେଇଛି ।

## ଲାଞ୍ଚ ନେବା ବେଳେ ଧରାପଡ଼ିଲେ ଜୁନିଅର ଆସିଷ୍ଟାଣ୍ଟ



**ଭଦ୍ରକ:** ଏକ ଘରୋଇ ସ୍କୁଲକୁ ଏନ୍‌ଓସି ଦେବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଲେ ଭଦ୍ରକ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଜୁନିଅର ଆସିଷ୍ଟାଣ୍ଟ ଶ୍ରୀକାନ୍ତ ଦାସ । ବାରାପୁର ଅଞ୍ଚଳର ଏକ ଘରୋଇ ସ୍କୁଲକୁ ଏନ୍‌ଓସି ପ୍ରମାଣପତ୍ର ଦେବା ପାଇଁ ୧୦ ହଜାର ଟଙ୍କା ଦାବି କରିଥିଲେ। ଏନେଇ ଅଭିଯୋଗକାରୀ ପ୍ରଶାନ୍ତ ସାହୁ ଭିଜିଲାନ୍ସ ଅଫିସରେ ଅଭିଯୋଗ କରିଥିଲେ । ଦାବି ମୁତାବକ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ୧୦ ହଜାର ଟଙ୍କା ଲାଞ୍ଚ ଦେବା ବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଭଦ୍ରକ ଓ ବାଲେଶ୍ୱର ଭିଜିଲାନ୍ସ ଟିମ୍ ମାଡି ବସିଥିଲେ । ଭିଜିଲାନ୍ସ ପକ୍ଷରୁ କାଗଜପତ୍ର ଯାଞ୍ଚ କରିବା ସହ ଏହି ଲିଙ୍କରେ ଘର, ଅଫିସ ସହିତ ଜିଲାର ବିଭିନ୍ନ ସ୍ଥାନ ରେ ଚଢ଼ାଉ ଜାରି ରହିଛି। ଏନେଇ ବାଲେଶ୍ୱର ଭିଜିଲାନ୍ସରେ ଏକ ମାମଲା (ନଂ.୯/୨୦୨୬) ରୁଜୁ ହୋଇଛି।

### ଯୁବକଙ୍କୁ ଅପହରଣ କରି ନିଷ୍ଠୁର ମାଡ଼ ଘଟଣା

## ୯ ଦିନ ପରେ ଗଳିତ ମୃତଦେହ ଉଦ୍ଧାର

**ଆଳି :** ଆଳି ଥାନା ଅନ୍ତର୍ଗତ ବାଟିପଡ଼ା ପଞ୍ଚାୟତର ମହାଦେଇପାଟଣା ଗାଁର ଯୁବକ ଗୌରାଙ୍ଗ ସେଠିଙ୍କୁ ଅପହରଣ ଓ ମାଡ଼ ମାରିବା ଘଟଣା। ୯ ଦିନ ପରେ ବାରମାଣିଆ ଭେଡାରୁ ମିଳିଲା ଗଳିତ ମୃତଦେହ। ମୃତଦେହ ପାଖରେ ଏକ ନୀଳ ରଙ୍ଗର ଗଞ୍ଜି ପଡ଼ିଛି। ଏହା ସହ ଖଣ୍ଡ ବିଖଣ୍ଡିତ ହାଡ଼ ପଡ଼ିଛି। ଏହା ଗୌରାଙ୍ଗଙ୍କ ମୃତଦେହ ହୋଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ଆଳି ଥାନା ଅନ୍ତର୍ଗତ ବାଟିପଡ଼ା ପଞ୍ଚାୟତର ମହାଦେଇପାଟଣା ଗାଁର ଅରୁଣ ସେଠିଙ୍କ ପୁଅ ଗୌରାଙ୍ଗ ସେଠି (୨୦ ବର୍ଷ) ସେହି ଗାଁର ଜଣେ ବ୍ୟକ୍ତିଙ୍କ ଗାଡିର କାଚ ଭାଙ୍ଗିବା ଘଟଣାକୁ କେନ୍ଦ୍ର କରି ଗୁରୁବାର ଦିନ ଗଣ୍ଡଗୋଳ ହୋଇଥିଲା। ଗାଁର କିଛି ଯୁବକ ଗୌରାଙ୍ଗଙ୍କୁ ପ୍ରଥମେ ସହିରା ବାଲିଘାଟ ଓ ପରେ ଆଦର୍ଶ ପୋଖରୀ ନିକଟରେ ହାତ ଗୋଡ଼ ବାନ୍ଧି ନିଷ୍ଠୁର ମାଡ ମାରିଥିଲେ। ଏଥି ସହ ଗୌରାଙ୍ଗଙ୍କୁ କେଉଁଆଡେ ଅପହରଣ କରି ନେଇ ଯାଇଥିଲେ। ଏନେଇ ଗୌରାଙ୍ଗଙ୍କ ବାପା ଅରୁଣ ସେଠି ୨୯ ତାରିଖ ଦିନ ଥାନାରେ ଏତଲା ଦେଇଥିଲେ। ଦୀର୍ଘ ୯ ଦିନର ତନାଘନା ପରେ ପେତପଡ଼ା ପଞ୍ଚାୟତ ବାରମାଣିଆ ଭେଡାରୁ ଏକ ଗଳିତ ମୃତଦେହ ଉଦ୍ଧାର ହୋଇଛି। ଏହା ନିଖୋଜ ଗୌରାଙ୍ଗ ସେଠୀଙ୍କ ମୃତ ଶରୀରର ହୋଇଥିବା ସନ୍ଦେହ କରାଯାଉଛି। ପାଖରେ ନୀଳ ରଙ୍ଗର ଗଞ୍ଜି, ବଡ଼ ଖଣ୍ଡ ଖଣ୍ଡ ହାଡ଼, ଚୁଟି ପଡିଛି। ଘଟଣାସ୍ଥଳରେ ପୁଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଉକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି।

### ଦେଶର ଶକ୍ତି କ୍ଷେତ୍ର ପାଇଁ ବଡ଼ ଖବର

## ଆଣ୍ଡାମାନ ଉପକୂଳରୁ ପ୍ରାକୃତିକ ଗ୍ୟାସର ସନ୍ଧାନ

➤ ସୂଚନା ଦେଲେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ



**ନୂଆଦିଲ୍ଲୀ:** ଭାରତକୁ ମିଳିଲା ଗ୍ୟାସର ଭଣ୍ଡାର । ଆଣ୍ଡାମାନ ସମୁଦ୍ର ଗର୍ଭରୁ ବାହାରିଲା ପ୍ରାକୃତିକ ଗ୍ୟାସ୍! । ଶ୍ରୀ ବିଜୟପୁରମ ଉପକୂଳର ୩୫୫ ମିଟର ଗଭୀରରେ ମିଳିଲା ଗ୍ୟାସ ସନ୍ଧାନ! । ଆଣ୍ଡାମାନ ଉପକୂଳରୁ ମିଳିଲା ବିପୁଳ ପ୍ରାକୃତିକ ଗ୍ୟାସର ସନ୍ଧାନ ନେଇ ଘୋଷଣା କଲେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ! । ଭାରତର ପ୍ରାକୃତିକ ସମ୍ପଦ ଏବଂ ଶକ୍ତି କ୍ଷେତ୍ର ପାଇଁ ଏକ ବହୁତ ବଡ଼ ସଫଳତା ସାମ୍ନାକୁ ଆସିଛି। ଆଣ୍ଡାମାନ ଦ୍ୱୀପପୁଞ୍ଜର ପୂର୍ବ ଉପକୂଳରୁ ମାତ୍ର ୧୫ କିଲୋମିଟର ଦୂର ସମୁଦ୍ର ଗର୍ଭରେ ବିପୁଳ ପରିମାଣର ପ୍ରାକୃତିକ ଗ୍ୟାସ୍ ର ସନ୍ଧାନ ମିଳିଛି। କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂ ପୁରୀ ଆଜି ଆନୁଷ୍ଠାନିକ ଭାବେ ଏହି ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ବିଷୟରେ ସୂଚନା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଆଣ୍ଡାମାନ ସମୁଦ୍ରର 'ଶ୍ରୀ ବିଜୟପୁରମ-୩' ଅଞ୍ଚଳରେ ଏହି ଗ୍ୟାସର ଭଣ୍ଡାର ମିଳିଛି। ସମୁଦ୍ର ପତନରୁ ପ୍ରାୟ ୩୫୫ ମିଟର ଗଭୀର ପାଣି ଭିତରେ ଏହି ପ୍ରାକୃତିକ ଗ୍ୟାସର ସନ୍ଧାନ ମିଳିଛି, ଯାହା ଭାରତର ଚାଲିଥିବା ଅନୁସନ୍ଧାନ ଅଭିଯାନର ଏକ ବଡ଼ ସଫଳତା। କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି ଯେ, ଏହି ନୂତନ ଆବିଷ୍କାର ଆଣ୍ଡାମାନ ସମୁଦ୍ର ଅଞ୍ଚଳରେ ଥିବା ଅଫୁରନ୍ତ ଶକ୍ତି କ୍ଷମତାକୁ ପ୍ରମାଣିତ କରୁଛି। ବର୍ତ୍ତମାନ ଭାରତ ନିଜର ଆବଶ୍ୟକତା ପୂରଣ ପାଇଁ ଅନ୍ୟ ଦେଶରୁ ପ୍ରାକୃତିକ ଗ୍ୟାସ୍ ଏବଂ ଇନ୍ଧନ ଆମଦାନୀ ଉପରେ ବହୁ ମାତ୍ରାରେ ନିର୍ଭର କରୁଛି। ଦେଶ ଭିତରେ ଏଭଳି ନୂଆ ଗ୍ୟାସ୍ ଭଣ୍ଡାର ମିଳିବା ଦ୍ୱାରା ଆଗାମୀ ଦିନରେ ଶକ୍ତି କ୍ଷେତ୍ରରେ ଭାରତ ଅଧିକ ଆତ୍ମନିର୍ଭରଶୀଳ ହୋଇପାରିବ ବୋଲି ଆଶା କରାଯାଉଛି। ଏହି ବେସିନ୍ ବା ଅଞ୍ଚଳରେ ପରିବେଶକୁ ସୁରକ୍ଷିତ ରଖି କେମିତି ଅଧିକ ଖନନ କରାଯାଇପାରିବ, ସେ ନେଇ ଆଗକୁ ପ୍ରକ୍ରିୟା ଜାରି ରହିବ।

## ଚାଉଳ ମିଲିଂ ଖର୍ଚ୍ଚ ୨ ଗୁଣ ବୃଦ୍ଧି ପାଇଲା

### ୨୦ ଟଙ୍କାରୁ ୪୦ ଟଙ୍କା ହେଲା ଉଷୁନା ଚାଉଳ କ୍ୱିଣ୍ଟାଲ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଚାଉଳର ମିଲିଂ ଖର୍ଚ୍ଚ ବୃଦ୍ଧି ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଚାଷୀମାନଙ୍କ ଠାରୁ ଧାନ ଯେପରି ସୁରୁଖୁରୁରେ ସଂଗ୍ରହ ହେବ ତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ଉଷୁନା ଚାଉଳର ମିଲିଂ ଦର ବର୍ତ୍ତମାନ କ୍ୱିଣ୍ଟାଲ ପିଛା ୨୦ ଟଙ୍କା ଥିବା ବେଳେ ଏହାକୁ ୪୦ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ଅରୁଆ ଚାଉଳର ମିଲିଂ ଦର କ୍ୱିଣ୍ଟାଲ ପିଛା ୧୦ ଟଙ୍କା ଥିବା ବେଳେ ଏହାକୁ ୨୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହାଦ୍ୱାରା ମିଲର ମାନଙ୍କ ସମସ୍ୟା ଦୂର ହେବା ସହ ଚାଷୀ ମାନଙ୍କ ଠାରୁ ସୁରୁଖୁରରେ ଧାନ ସଂଗ୍ରହ ହୋଇପାରିବ ଏବଂ ରାଜ୍ୟର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ,ଗତ କିଛି ବର୍ଷ ମଧ୍ୟରେ ଶ୍ରମିକ ମଜୁରୀ,ପେଟ୍ରୋଲ ଓ ଅନ୍ୟାନ୍ୟ ମିଲିଂ ସାମଗ୍ରୀର ଦର ବୃଦ୍ଧି ହୋଇଥିବା ବେଳେ ଅନ୍ୟାନ୍ୟ ରାଜ୍ୟରେ ମିଲିଂ ଦର ଆମ ରାଜ୍ୟ ଠାରୁ ଯଥେଷ୍ଟ ଅଧିକ ରହିଛି ।

### ୪୬ ତମ ଦିବସରେ ରଥଖଳା ହାଲ୍‌ଚାଲ୍

## ପୋଲ ଗୟଳର ଆଗ ଓ ପଛରେ ନିରାଡି ମୋଡା ସମ୍ପନ୍ନ

■ ସରିଲା ଚାରି ନାହାକା ଉଠିବା ପର୍ବ
■ ରଥ କାର୍ଯ୍ୟରେ ନିମଗ୍ନ ୨୦୫ ସେବକ

**ପୁରୀ :** ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୧୬ ତାରିଖ । ଏଥିପାଇଁ ବଡଦାଣ୍ଡ ସ୍ଥିତ ରାଜା ନଅର ସମ୍ମୁଖ ରଥଖଳା ଚଳଚଞ୍ଚଳ ହୋଇପଡିଛି । ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । ଶୁକ୍ରବାର ରଥ ନିର୍ମାଣର ୪୬ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥ ଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଶୁକ୍ରବାର ପୋଲ ଗୟଳର ଆଗ ଓ ପଛରେ ନିରାଡି ମୋଡା ସମ୍ପନ୍ନ ହୋଇଛି। ଗୁରୁବାର ତିନିରଥର ଅନୁକୂଳ ପୂଜା ପୂର୍ବକ ତିନିରଥର ଦାଣ୍ଡରେ କଣ୍ଟା ବାଡ଼ିଆ କାର୍ଯ୍ୟ ଶେଷ ହେବାପରେ ତିନିରଥ ଆଗା ଆଣି ଏବଂ ପଛ ଆଣି ଗରଗରା ପଡ଼ି କଣ୍ଟା ବାଡ଼ିଆ କାର୍ଯ୍ୟ ଶେଷ ହୋଇଥିଲା । ପରେ ଦଣ୍ଡା ଉଭୟ ପାର୍ଶ୍ୱରେ ପୋଲ ଗୟଳ ମୋଡା ଶେଷ ହୋଇ ଅପରାହ୍ନରେ ତିନିରଥର ଚାରି ନାହାକା ଉଠିଥିଲା । ମୁଖ୍ୟ ମହାରଣାଙ୍କ ପରାମର୍ଶ କ୍ରମେ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବକ ମାନେ ତିନିରଥର ପାଞ୍ଚ ଦଣ୍ଡା ଉଭୟ ପାର୍ଶ୍ୱରେ ଗୋଟିଏ ଗୋଟିଏ ପୋଲ ଗୟଳ ଆଗ ଏବଂ ପଛ ନିରାଡି ସହ ସଂଯୁକ୍ତ କରାଯାଇଛି ବା ମୋଡା ଯାଇଛି। ଏଥିସହ ଉକ୍ତ ପୋଲ ଗୟଳ କୁ ମୁଣ୍ଡାଇ ରଖିବା ପାଇଁ ସାତ ଗୋଟି ଖମ୍ବି ଏବଂ ଉଭୟ ପାର୍ଶ୍ୱରେ ଗୋଟିଏ ଗୋଟିଏ ଅସୁଆରି ପଟା ଖମ୍ବି ଉଭୟ ପାର୍ଶ୍ୱ ଦଣ୍ଡାରେ ବିନ୍ଧ କରାଯାଇ ସେଟିଂ କରାଯାଇଛି। ତିନି ରଥର



ଚାରି ନାହାକା ଉଠିବା ସହଜ ହେବା ପାଇଁ ଭୋଇ ସେବକ ମାନେ ପୋଲ ଗୟଳ ଉପରେ ଫଳି ବଟନ୍ କାଠ ପକାଇ ଭାରା ବନ୍ଧା କାର୍ଯ୍ୟ ଶେଷ ହୋଇଥିଲା। ତିନି ରଥର ମୁଖ୍ୟ ମହାରଣାଙ୍କ ଦ୍ୱାରା ଅନୁକୂଳ ପୂଜା ପୂର୍ବକ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ସହଯୋଗୀ ଭୋଇ ସେବକ ମାନେ ତିନି ରଥର ଚାରି ନାହାକା କୁ ଗରଗରା ବିନ୍ଧରେ ସଂଯୋଗ ପୂର୍ବକ ଚାରି ନାହାକା ଉଠିବା ପର୍ବ ଶେଷ କରିଥିଲେ । ଭୋଇ ସେବକ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇ ସେବକ ମାନେ ରଥ ଉପରେ ତୃତୀୟ ହରିବୋଲ ପକାଇଥିଲେ । ରୂପକାର ସେବକ ମାନେ ତିନି ରଥର ବେଦୀ ସିଂହାସନ ମୁହାଁଟି ରେ ଚିତ୍ର ଖୋଦେଇ ଶେଷ କରି ଚିତ୍ର ରୂପ ଗୁଡ଼ିକର ପଲିସ୍ କାର୍ଯ୍ୟ ଜାରୀ ରଖିଥିବା ସହ ତିନିରଥର ଚାରି ଗୋଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଜାରୀ ରଖିଛନ୍ତି। ଦୋଳବେଦୀ ଠାରେ ପାହି ମହାରଣା ମାନେ ଅଣସର ଏବଂ ରଥଯାତ୍ରା ରେ ସେବା ପୂଜା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି। ତିନିରଥ ର ମହାରଣା ସେବକ ୭୮ ଜଣ,ଭୋଇ ସେବକ ୭୭ ଜଣ, ରୂପକାର ସେବକ ୨୦ଜଣ କରତୀ ସେବକ ୪ଜଣ ,ଓଝା କମାର ସେବକ ୨୦ଜଣ ,ତୁମ୍ବ ବିନ୍ଧ କାରିଗର ୨ଜଣ ,ପାହି ମହାରଣା ୨ଜଣ ରଥଖଳା ସହାୟକ ୧ ଜଣ ଥିବାବେଳେ ମୋଟ ୨୦୫ ଜଣ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟରେ ନିମଗ୍ନ ରହିଛନ୍ତି ।

### ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

## ନିଳାଦ୍ରୀ ବିଜେ ପରେ ଗଣତି ମଣତି କାର୍ଯ୍ୟ ହେବ

➤ ଅଦିନିଆ ରଥଯାତ୍ରା ନେଇ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯିବ
➤ ରଥଯାତ୍ରା ନୀତି ନିର୍ଘଣ୍ଟ ଗୃହୀତ

**ପୁରୀ :** ଶୁକ୍ରବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାଗୃହରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ନାନ ପୂର୍ଣ୍ଣିମା, ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡାଯାତ୍ରା ଓ ନିଳାଦ୍ରୀ ବିଜେର ନୀତି ନିର୍ଘଣ୍ଟ ପ୍ରସ୍ତାବ ଗୃହୀତ ହୋଇଛି । ଚିଠା ନୀତି ନିର୍ଘଣ୍ଟ ଆଲୋଚନା ହୋଇ ପରିଚାଳନା କମିଟିର ଅନୁମୋଦନ ହୋଇଛି। ବିଭିନ୍ନ ସବ କମିଟି ସମ୍ପର୍କରେ ବିଶେଷ ଭାବେ ଆଲୋଚନା ହୋଇଛି। ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ରତ୍ନଭଣ୍ଡାର ଗଣତି କାର୍ଯ୍ୟ ସ୍ଥଗିତ ରହିବ । ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହୋଇଥିବା ଅଳଙ୍କାର ମଧ୍ୟ ଗଣତିରେ ସାମିଲ ହେବ। ଗଣତି ପରେ ନୂଆ ସିନ୍ଦୁକରେ ଅଳଙ୍କାର ଗୁଡ଼ିକ ରଖାଯାଇ ପୁରୁଣା ଆଲମିରା ଗୁଡ଼ିକ ଅପସାରଣ କରାଯିବ। ଭିତର ରତ୍ନଭଣ୍ଡାର ମୂଲ୍ୟବାନ ଅଳଙ୍କାର ଗୁଡ଼ିକ ଖଟଶେଜ ଘରକୁ ଅଣାଯାଇ ଭିଡିଓ ଫଟୋ ଓ ଡିଜିଟାଲ ଲାଇଜେସନ କରାଯିବ। ନରେନ୍ଦ୍ର ପୁଷ୍କରିଣୀ ନିକଟରେ ଥିବା ଅସ୍ଥାୟୀ ସୂଚନା କେନ୍ଦ୍ର ପରିବର୍ତ୍ତେ ସ୍ଥାୟୀ ସୂଚନା କେନ୍ଦ୍ର ଓ ଅଭ୍ୟର୍ଥନା କେନ୍ଦ୍ର କରାଯିବ । ବିଦେଶରେ ଇସ୍କନର ଅଦିନିଆ ରଥଯାତ୍ରାକୁ ଗଜପତି ନାପସନ୍ଦ କରିଥିଲେ। ଶାସ୍ତ୍ର ବିରୋଧୀ ରଥଯାତ୍ରା ନକରିବା ପାଇଁ ରାଜ୍ୟସରକାର କେନ୍ଦ୍ରକୁ



ଜଣାଇବା ସହ ବିଦେଶକୁ ଏହି ବାର୍ତ୍ତା ପଠାଇବା ପାଇଁ ଅନୁରୋଧ କରାଯିବ। ସେବକ ଓ ସେବକ ନିଯୋଗ ଓ ମଠ ଗୁଡ଼ିକୁ ଲ୍ୟାଣ୍ଡ ସେଟେଲମେଣ୍ଟରେ ସ୍ଥିର କରାଯିବ । ଶ୍ରୀମନ୍ଦିର ଆଇନର କିଛି ନୂଆ ଧାରା ଯୋଡାଯିବ। ଶ୍ରୀମନ୍ଦିର ଟ୍ରେଡ ମାର୍କ ଲୋଗୋକୁ ସମ୍ପର୍କରେ ଆଲୋଚନା ହୋଇଥିଲା । ସେବକ ଗୁରୁକୁଳ ନିର୍ମାଣରେ ଓବିସିସି କାର୍ଯ୍ୟ ଧିମା ଚାଲିଥିବାରୁ ଅନ୍ୟ କମ୍ପାନୀ ସହ ଯୋଗାଯୋଗ କରାଯିବ । ନିର୍ମାଣ ହେବାକୁ ଥିବା ସେବାୟତ ବାସଗୃହ ଯୋଜନା ଯେଉଁ ଜମି ଉପରେ ହେବ ସେଥିରେ ମାମଲା ଥିବାରୁ ତାହା ନିକଟରେ ଅନ୍ୟ ଜମିରେ ଏହା ନିର୍ମାଣ କରାଯିବ । ମଶାଣିଚଣ୍ଡୀ ନିକଟ ନୀଳଚକ୍ର ବିହାର କୋଠା କାର୍ଯ୍ୟ ତ୍ୱରାନ୍ୱିତ କରାଯିବ। ବାହାର ରତ୍ନଭଣ୍ଡାର ପଡୁଥିବା ତାଲା ଖରାପ ହୋଇଯିବାରୁ ସେହି ସ୍ଥାନରେ ନୂଆ ତାଲା ଲଗାଯିବ । ଭିତର ଓ ବାହାର ରତ୍ନଭଣ୍ଡାରରେ ପଡୁଥିବା ତାଲା ଗୁଡ଼ିକର ଚାବି ଗଜପତି ମହାରାଜା, ଶ୍ରୀମନ୍ଦିର ପ୍ରଶାସନ ଓ ଭଣ୍ଡାର ମେକାପଙ୍କ ପାଖରେ ରଖାଯିବ । ଚଳିତ ରଥଯାତ୍ରାରେ ସେବାୟତଗଣ, ଶ୍ରୀମନ୍ଦିର କର୍ମଚାରୀ, ଭକ୍ତ ଓ ସ୍ଥାନୀୟ ବାସିନ୍ଦା ସହଯୋଗ କରିବା ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅନୁରୋଧ କରିଥିଲେ । ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.ଅରବିନ୍ଦ ପାଢ଼ୀ, ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସପି ପ୍ରତୀକ ସିଂ ଓ ପରିଚାଳନି କମିଟିର ସଦସ୍ୟ ମାନେ ଯୋଗ ଦେଇଥିଲେ ।

## ସମ୍ପାଦକୀୟ

## ଏବେ ସଙ୍ଗଠିତ ସରକାର

ଭାରତରେ ଏବେ ସଙ୍ଗଠିତ ସରକାର। ଏଭଳି ଉକ୍ତିରୁ ଆମେ କିଛି ସ୍ପଷ୍ଟ ଅର୍ଥ ବାରିପାରିବା ନାହିଁ। କଥାଟାକୁ ଆଉଟିକେ ପରିଷ୍କାର କରିବା। ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ବିଶ୍ୱରେ ବେଶ୍ ସୁଖ୍ୟାତି ରହିଛି ଭାରତର । ତେବେ ଅବସୋସର ବିଷୟ ଯେ ଯେତିକି ସୁଖ୍ୟାତି ରହିଛି, ସେତିକି କୁଖ୍ୟାତି ମଧ୍ୟ ରହିଛି ଭାରତର। ଯାହା ପଛର ସବୁଠାରୁ ବଡ଼ କାରଣ ହେଉଛି ସାମ୍ପ୍ରଦାୟିକତା ଭଳି ନିଷ୍ଠୁର ସମସ୍ୟା, ଧର୍ମ ନିରପେକ୍ଷତା ଅବା ବିଭିନ୍ନତା ମଧ୍ୟରେ ଏକତା ଭଳି ଭାରତର କେତେକ ଫମ୍ପା ଆୱାଜ୍ ଯାହା ପଛରେ ସେମିତି କିଛି ସତ୍ୟାସତ୍ୟ ନାହିଁ କିମ୍ବା ଯାହା ବି କିଛି ସତ୍ୟାସତ୍ୟ ରହିଛି ତା'ର ପ୍ରକୃତ ରୂପାୟନ ଦିଗରେ ସେମିତି କିଛି ଯଥାର୍ଥ ପଦକ୍ଷେପ ମଧ୍ୟ ନିଆଯାଇପାରୁନାହିଁ। ଅର୍ଥାତ୍ ଭାରତ ଭଳି ଏକ ଜନବହୁଳ ରାଷ୍ଟ୍ରରେ, ଭାରତ ଭଳି ବିଶ୍ୱର ଏକ ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ବିଧିବିଧାନ କାଗଜପତ୍ରରେ ଯେଭଳି ମେଣ୍ଟେନ୍ କରାଯାଉଛି, ତାହା ଆକ୍ଷରିକ ଭାବରେ ଶାସନ ବ୍ୟବସ୍ଥାରେ କିନ୍ତୁ ସେମିତି ମେଣ୍ଟେନ୍ କରାଯାଇପାରୁନାହିଁ। ଯାହା ପଛରେ କାରଣ ତ ଅନେକ ରହିଛି, ହେଲେ ନିରାକରଣ ଉପରେ କିନ୍ତୁ ଧ୍ୟାନ କେନ୍ଦ୍ରିତ ହେବା ଦରକାର। ନିରାକରଣ ଉପରେ କିନ୍ତୁ ବିଶେଷ ଗୁରୁତ୍ୱ ଦିଆଯିବା ଦରକାର ଯେମିତି କି ଭାରତରେ ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ଅନ୍ତତଃ ସୁଦୃଢ଼ ହୋଇପାରିବ । ବିଧିବ୍ୟବସ୍ଥା ତ ସୁଦୃଢ଼ ରହିଛି, ସଶକ୍ତ ବି ରହିଛି ବହୁତ ଆରମ୍ଭରୁ ଯାହାକୁ ନେଇ ଏକାଧିକ ନାରାବାଜି ଯେମିତି କି ସାରେ ଯହାଁ ସେ ଆଚ୍ଛା , ହିନ୍ଦୁସ୍ତାନ୍ ହମାରା, ୟୁନିଟି ଆମିଡ୍ ଡିଭରସିଟି ଆଦି ଅତି ଉନ୍ନତ ନାରାବାଜି ଯାହା ଆମେ ବହୁ ପୂର୍ବରୁ ଶୁଣିଛେ , ଏବେ ବି ଶୁଣୁଛୁ ଏବଂ ଆଗାମୀ ସମୟରେ ସେମିତି ବି ଶୁଣୁଥିବୁ ବାରମ୍ବାର। ଏତେସବୁ ଭିତରେ ଦେଶର ଉନ୍ନତି , ଦେଶର ପ୍ରଗତି ହୋଇପାରୁନି ସମ୍ଭବ। ଯାହା ବି ସମ୍ଭବ ହେଉଛି କେବଳ କାଗଜ କଲମରେ ଯେମିତି ହେଉଛି ଠିକ୍ ସେମିତି ବି ହୋଇପାରୁନି ବାସ୍ତବ କ୍ଷେତ୍ରରେ ଯେଉଁଥିପାଇଁ ଆଜି ବି ଭାରତର ଗତି ସେହିଭଳି ଭାବରେ ଚାଲିଛି ଯାହାକୁ ଆମେ ଆଜି ବି ସେହିଭଳି ଡେଭଲିପିଙ୍ଗ କଣ୍ଟ୍ରୀର ମାନ୍ୟତା ଦେଇ ଚାଲିଛୁ। ଯାହା ଆଜି ବି ଭାରତ ପାଇଁ ଏବଂ ଭାରତବାସୀଙ୍କ ପାଇଁ ଚିନ୍ତାର କାରଣ, ଅନୁଶୋଚନାର କାରଣ। ହେଲେ ଭାରତକୁ ଡେଭଲିପିଙ୍ଗ୍ କଣ୍ଟ୍ରୀ ଭାବରେ ପରିଚୟ କିଏ ପ୍ରଦାନ କରିବ ? ଦେଶର ସରକାର ନା ଦେଶର ଜନତା ? ଏଭଳି ପ୍ରଶ୍ନର ଉତ୍ତର ବିଷୟରେ ଆଜିର ତାରିଖରେ ତର୍ଜମା କରିବା ଅତି ଲଜ୍ଜାର ବିଷୟ, ଅତି କ୍ଷୋଭର ବିଷୟ। ଭାରତ ସ୍ୱାଧୀନତା ପାଇବାର ଦୀର୍ଘ ୭୮ ବର୍ଷ ପରେ ଆଜି ଯଦି ଆମେ ଭାରତର ବିକାଶ କଥା ଚିନ୍ତା କରିବା, ତେବେ କଥାଟା ଅତି ହାସ୍ୟାସ୍ପଦ ହେବ , ଅତି ଲଜ୍ଜାର ବିଷୟ ହେବ। ଏଣୁ କେବଳ ପ୍ରତିକାର ବିଷୟ କଥା ଚିନ୍ତା କରାଯାଇପାରେ। ଯାହା ଉପରେ ନିର୍ଭର କରେ ଏକ ଆଦର୍ଶ ଗଣତନ୍ତ୍ରର ଭବିଷ୍ୟତ, ଏକ ସଶକ୍ତ ଗଣତନ୍ତ୍ରର ଭବିଷ୍ୟତ। ଭାରତ ବିଶ୍ୱର ଏକ ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଯାହାକୁ ବିକାଶ ପଥରେ ଆଗେଇ ନେବା ପାଇଁ ଉଦ୍ୟମ ତ ବହୁ ଆରମ୍ଭରୁ ଜାରି ରହିଛି। ଭାରତ ଭଳି ଏକ ଜନବହୁଳ ରାଷ୍ଟ୍ରରେ, ଭାରତ ଭଳି ବିଶ୍ୱର ଏକ ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ବିଧିବିଧାନ କାଗଜପତ୍ରରେ ଯେଭଳି ମେଣ୍ଟେନ୍ କରାଯାଉଛି, ତାହା ଆକ୍ଷରିକ ଭାବରେ ଶାସନ ବ୍ୟବସ୍ଥାରେ କିନ୍ତୁ ସେମିତି ମେଣ୍ଟେନ୍ କରାଯାଇପାରୁନାହିଁ। ଯାହା ପଛରେ କାରଣ ତ ଅନେକ ରହିଛି, ହେଲେ ନିରାକରଣ ଉପରେ କିନ୍ତୁ ଧ୍ୟାନ କେନ୍ଦ୍ରିତ ହେବା ଦରକାର। ଏଯାବତ୍ ଭାରତ ସେମିତି ଏକ ସାଧାରଣ ଭାରତ ହୋଇ ରହଛି ଯାହା କି ସମ୍ପୂର୍ଣ୍ଣ ଅବସୋସର ବିଷୟ, ସମ୍ପୂର୍ଣ୍ଣ କ୍ଷୋଭର ବିଷୟ ଯାହାର ପ୍ରତିକାର କେବଳ ବିକ୍ଷୋଭ କି ଆନ୍ଦୋଳନ ନୁହେଁ, ଯାହାଦ୍ୱାରା ଦେଶର ବିକାଶ କେବେ ବି ସମ୍ଭବ ନୁହେଁ। ଦେଶର ବିକାଶ ପାଇଁ ଦରକାର ଏକ ସଶକ୍ତ ସରକାର, ଏକ ସୁନିୟନ୍ତ୍ରିତ ଏବଂ ସୁସଙ୍ଗଠିତ ସରକାର। ଯାହାର ଅୟମାରମ୍ଭ ହୋଇଗଲାଣି ଭାରତବର୍ଷରେ। ଶ୍ରୀଯୁକ୍ତ ଯୋଗୀ ସରକାର ଯାହାର ପ୍ରଥମ ଉଦାହରଣ। ତାହା ପୂର୍ବରୁ ବି ଥିଲେ ବହୁତ କମ୍ ବ୍ୟକ୍ତିତ୍ୱ ସେଭଳି । ହେଲେ ଏବେ ଅନ୍ତତଃ ଆଉ ଦୁଇଜଣ ବଳିଷ୍ଠ ବ୍ୟକ୍ତିତ୍ୱ ଜଣେ ବେଙ୍ଗଲ୍‌ରେ ଏବଂ ଅନ୍ୟଜଣେ ତାମିଲନାଡୁରେ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଇଛନ୍ତି। ଜଣେ ଚଳଚ୍ଚିତ୍ର ତାରକାରୁ ଅଭିନେତା ଏବଂ ଜଣେ ବିଶ୍ୱହିନ୍ଦୁ ପରିଷଦର ଜଣେ ବଳିଷ୍ଠ କର୍ମକର୍ତ୍ତା ଯେଉଁମାନଙ୍କ ରାଜତ୍ୱରେ ଅବା ସେମାନଙ୍କ୍ ମୁଖ୍ୟମନ୍ତ୍ରୀତ୍ୱରେ ସେମାନଙ୍କ ରାଜ୍ୟରେ ନିଶ୍ଚିତରୂପେ ଆସିବ ବଡ଼ ଧରଣର ପରିବର୍ତ୍ତନ । ଆରମ୍ଭ ହେବ ନୁହେଁ ଆରମ୍ଭ ହେଲା ୨ ରାଜ୍ୟରେ ଦୁଇଟି ସଶକ୍ତ ଏବଂ ସୁସଙ୍ଗଠିତ ସରକାର।

## ମାର୍ଗଦର୍ଶନ

ରାଜାଙ୍କ ଠାରୁ ନେଇ ସାଧାରଣ ପ୍ରଜାଙ୍କ ପର୍ଯ୍ୟନ୍ତ, କେହି ବି ନିୟମରୁ ବାଦ୍ ପଡ଼ିବେ ନାହିଁ। ସମସ୍ତଙ୍କ କ୍ଷେତ୍ରରେ କଟକଣା ରହିଛି, ସମସ୍ତଙ୍କ କ୍ଷେତ୍ରରେ ନିୟମ କାନୁନ୍ ରହିଛି। ଶାସକ-ପ୍ରଶାସକମାନେ ପୂରା ନିୟମରେ ରହିବା ଉଚିତ ଯେହେତୁ ସେମାନେ ସମାଜର ମାର୍ଗଦର୍ଶକ, ସମାଜର ପଥ ପ୍ରଦର୍ଶକ। ନିୟମରେ ସମସ୍ତେ ବନ୍ଧା। ସେହି ନିୟମରେ ନିଜର କର୍ମମୟ ଜୀବନରୁ କିଛିଟା ସମୟ ବାହାର କରି ଥରେ ବୁଲିବା ପାଇଁ ମନସ୍ଥ କରି ତାଙ୍କର କିଛି ଜଗୁଆଳଙ୍କ ସହ ବୁଲି ବହାରିଲେ ସୁଲ୍‌ତାନ୍ ସାଲାନା। ବାଟରେ ମଧ୍ୟାହ୍ନ ଭୋଜନ ସମୟରେ ଗୋଟିଏ ସୁନ୍ଦର ଉଦ୍ୟାନରେ କିଛି ସମୟ ପାଇଁ ବାଟରେ ଅଟକିଯାଇଥିଲେ ଏବଂ ସେହି ସମୟରେ ବିଶ୍ରାମ ନେବାବେଳେ ସୁଲ୍‌ତାନଙ୍କ ଆଖିରେ ନିଦ ଲାଗିଯାଇଥିଲା। ଉଠିଲା ବେଳକୁ ଦେଖିଲେ ଯେ ତାଙ୍କର ପ୍ରିୟ ଘୋଡ଼ାଟି ନାହିଁ। ରାଗରେ ଚୋରକୁ ଧରିବା ପାଇଁ କଡ଼ା ଆଦେଶ ଦେଇ ବୁଲା ବନ୍ଦକରି ସେ ବାହାରିଲେ ନିଜ ଉଆସ ଅଭିମୁଖେ। ବାଟରେ ଜଗୁଆଳ କିନ୍ତୁ ସୁଲତାନଙ୍କୁ ସତ କହିଲା ଯେ ଚୋର ତା' କାମରେ ସଫଳ ହୋଇଛି ହେଲେ ମୁ ମୋ କାମରେ ବିଫଳ ହୋଇଛି। ଉଦ୍ୟାନରେ ଖାଇପିଇ ସମସ୍ତେ ବିଶ୍ରାମ ନେଉଥିଲାବେଳେ ମୁ ବି ଟିକେ ବିଶ୍ରାମ ନେଇଗଲି। ତା'ର ସୁଯୋଗ ନେଇ ଚୋର ନେଇଗଲା ଘୋଡ଼ାଟି। ଜଗୁଆଳ ମୁହଁରୁ ଏପରି କଥା ଶୁଣି ସୁଲ୍‌ତାନଙ୍କ ରାଗ ଆହୁରି ବଢ଼ିଗଲା। ଜଗୁଆଳକୁ ସେ କିଛି ଶାସ୍ତି ଦେବାକୁ ଚିନ୍ତା କଲେ। ସତ କହିଥିବାରୁ ଜଗୁଆଳକୁ ଶାସ୍ତି ତ ମିଳିଲା ହେଲେ ସେତେ କଠିନ ନୂହେଁ, ଯାହା ହେଉ ନିୟମ ତ ସଭିଙ୍କ ପାଇଁ ସମାନ। ଁ ରାଜାଙ୍କ ଠାରୁ ନେଇ ସାଧାରଣ ପ୍ରଜାଙ୍କ ପର୍ଯ୍ୟନ୍ତ, କେହି ବି ନିୟମରୁ ବାଦ୍ ପଡ଼ିବେ ନାହିଁ। ଶାସକ-ପ୍ରଶାସକମାନେ ପୂରା ନିୟମରେ ରହିବା ଉଚିତ ଯେହେତୁ ସେମାନେ ସମାଜର ମାର୍ଗଦର୍ଶକ, ସମାଜର ପଥ ପ୍ରଦର୍ଶକ। ନିୟମରେ ସମସ୍ତେ ବନ୍ଧା। ସେହି ନିୟମରେ ନିଜର କର୍ମମୟ ଜୀବନରୁ କିଛିଟା ସମୟ ବାହାର କରି ଥରେ ବୁଲିବା ପାଇଁ ମନସ୍ଥ କରି ତାଙ୍କର କିଛି ଜଗୁଆଳଙ୍କ ସହ ବୁଲି ବହାରିଲେ ସୁଲ୍‌ତାନ୍ ସାଲାନା।ତେବେ କିଛି ସମୟ ପାଇଁ ସେଠାରେ ଅଟକି ଯାଇ ଫଳାଫଳ ଚିନ୍ତା କଲେ ଥଣ୍ଡା ମୁଣ୍ଡରେ। ବାଟରେ ଭୋଜନ ସମୟରେ ସୁନ୍ଦର ଉଦ୍ୟାନରେ କିଛି ସମୟ ପାଇଁ ଅଟକିଯାଇଥିଲେ ବାଟରେ।

# ଲୋକଙ୍କ ସରକାର ଦୁରେଇ ଗଲାଣି ଲୋକଙ୍କଠୁ



**ଉମାଶଙ୍କର ପ୍ରସାଦ**

ଏଇ ଭିତରେ ଚାହୁଁ ଚାହୁଁ ଦୁଇବର୍ଷରୁ ଅଧିକ ସମୟ ବିତିଗଲାଣି। ଦୀର୍ଘ ୨୫ ବର୍ଷର ନବୀନ ସରକାରର ଅନ୍ତଘଟାଇ ଜନସାଧାରଣ ଯେଉଁ ଆଶା ପୋଷଣ କରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପରେ ବିଶ୍ୱାସ ଓ ଭରଷା କରି ବି.ଜେ.ପି ସରକାରକୁ ସେମାନଙ୍କର ସମର୍ଥନ ଦେଇଥିଲେ ତାହା ଆଜି ଫସର ଫାଟି ଯାଇଛି ! 'ଲୋକଙ୍କ ସରକାର' ଆଜି ଲୋକଙ୍କଠାରୁ ଦୁରେଇ ଯାଇ ନିଜର ତଥା ପରିବାରର ଓ ଦଳୀୟଲୋକମାନଙ୍କର ସରକାରରେ ପରିଣତ ହୋଇଛି। ଜୁନମାସ ୨୦୨୫ ରେ ପବିତ୍ର ସ୍ନାନ ପୂର୍ଣ୍ଣମୀରେ ନିଜର ଏକବର୍ଷ ପୂର୍ତ୍ତୀ ଅବସରରେ ଜଗନ୍ନାଥ ମହାପ୍ରଭୁ ଙ୍କ ସ୍ନାନବେଦୀରେ ତାଙ୍କ ଆଖିରେ ଆଖି ମିଳାଇ ସାରା ଓଡିଶାବାସୀଙ୍କ ମଙ୍ଗଳ କାମନା କରିଥିଲେ ମୁଖ୍ୟମନ୍ତ୍ରୀ ଯାହା ଥିଲା କେବଳ ପ୍ରତାରଣା ମାତ୍ର। ଏବେ ଗଣମାଧ୍ୟମରୁ ଜଣାପଡିଛି ତାଙ୍କ ସରକାରରେ ନବମୁଦୁଲି ନାମକ ଜଣେ କର୍ମଚାରୀ ଆଜକୁ ୩୮ ବର୍ଷ ଧରି ୧୯୮୮ ମସିହାରୁ ନଗର ଉନ୍ନୟନ ବିଭାଗରେ ଅସ୍ଥାୟୀ ଭାବରେ କାର୍ଯ୍ୟ କରି ଆସୁଛନ୍ତି। ଆଉ ମାତ୍ର ୫ ମାସ ପରେ ସେ ସେହି ଅସ୍ଥାୟୀ ଭାବରେ ଅବସର ଗ୍ରହଣ କରିବେ। ସେ କିପରି ଚଳିତ ସରକାରରେ ବିଭିନ୍ନ ବିଭାଗୀୟ ବଡବାବୁ ମାନଙ୍କ ଆକ୍ରୋଶର ଶିକାର ହେବା ସହ ସେମାନଙ୍କର ଭୂଲ ଯୋଗୁ ଓ ସେମାନଙ୍କୁ ଉତ୍କୋଚ ନଦେବାରୁ ଆଜି ପର୍ଯ୍ୟନ୍ତ ସ୍ଥାୟୀ ହୋଇପାରି ନାହାନ୍ତି। ଉକ୍ତ ବିଷୟରେ ସେ ଲୋକଙ୍କ ସରକାର ବୋଲି ଡିଣ୍ଡିମ ପିଟୁଥିବା ଲୋକଙ୍କ ମୂଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବାରମ୍ବାର ଜଣାଇ ଥିଲେ ମଧ୍ୟ ଫଳ ଶୁନ ହୋଇଛି। ମୁଦୁଲିର ଏହି ଦୁଃଖ ଓ ବିଭାଗୀୟ ବଡବାବୁ ମାନଙ୍କ ଆକ୍ରୋଶ ତଥା ନିର୍ଯ୍ୟାତନାର କାହାଣୀ ବଭିନ୍ନ ଆଗଧାଡିର ଓଡିଆ ଓ ଇଂରାଜୀ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲେ ମଧ୍ୟ ତାହା ସରକାରଙ୍କ ଉପରେ କୌଣସି ପ୍ରଭାବ ପକାଇପାରିନି ଏବଂ ଅଦ୍ୟାବଧି ଏହା ଉପରେ କୌଣସି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରାଯିବା 'ଲୋକଙ୍କ ସରକାର' ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ! ଆଜକୁ ବର୍ଷକ ତଳେ ଆମ ମୂଖ୍ୟମନ୍ତ୍ରୀ କୋଟି କୈବଲ୍ୟର ନାଥ ଜଗନ୍ନାଥଙ୍କୁ ଦୁହାଇ ଦେଇ କହିଥିଲେ ସେ ଆମ ସମସ୍ତଙ୍କର ମାଲିକ ଓ ଆମେ ସମସ୍ତେ ତାଙ୍କର ସେବକ। ମାତ୍ର ଜଣେ ସେବକର ଧର୍ମ କଣ ଏଇୟା ? ଜଗନ୍ନାଥ ଦେଇଥିବା ଭାରକୁ ନିଜର ମନୋମୂଖୀ କରିବା, ଏଥିରେ ତାଙ୍କର ଆଶିର୍ବାଦ ମିଳିବତ ?

ଆଗକୁ ଆଉ ତିନି ବର୍ଷ ବାକିରହିଲା- ଏହି ସମୟ ଭିତରେ ସେ ଲୋକଙ୍କ ପାଇଁ ଆଉ କ'ଣ କରିବେ ତାର କୁଆଡେ ଏକ ରୋଡ ମ୍ୟାପ ପ୍ରସ୍ତୁତ କରିଛନ୍ତି ବୋଲି ପ୍ରକାସ କରିବା ସହ ୨୦୩୬ ମସିହା ରେ ଆମର ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ତାଙ୍କ ସରକାର ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସବୁପ୍ରକାର ପଦକ୍ଷେପ ନେବେବୋଲି ପ୍ରତିଶୃତିବଦ୍ଧ ବୋଲି କହିଥିଲେ। ମାତ୍ର ଯାହା ଜଣାପଡୁଛି 'ଦୀପ ତଳ ଅନ୍ଧାର' ! ମାନ୍ୟବର ମୂଖ୍ୟମନ୍ତ୍ରୀ ନିଜ ସରକାରର ମନ୍ତ୍ରୀମାନଙ୍କ ଉପରେ ଅଙ୍କୁଶ ନାହିଁ। ସେ ନିଜେ ମଧ୍ୟ ଜନସାଧାରଣଙ୍କ ଦୁଃଖ ଦୂର୍ଦ୍ଦଶାକୁ ଗୌଣ ମନେ କରୁଛନ୍ତି ନଚେତ ଜଣେ ନୀରିହ କର୍ମଚାରୀ କିପରି ତାଙ୍କ ସରକାରଙ୍କ ବିଭାଗୀୟ ମନ୍ତ୍ରୀ, ସଚ୍ଚିବ, ବଡ ବଡ ବାବୁମାନଙ୍କ ଦ୍ୱାରା ଏପରିକି ଖୋଦ ମାନ୍ୟବର ମୂଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅବହେଳିତ ଯାହା ବର୍ତ୍ତମାନ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଆଗକୁ ପଂଚାୟତ ନିର୍ବାଚନ, ଯଦି ଉକ୍ତ ବିଷୟ ପ୍ରତି ଗ୍ରାମାଂଚଳରେ ଚର୍ଚ୍ଚାର ପରିସରକୁ ଆସେ ତେବେ 'ଲୋକଙ୍କ ସରକାର'ର ମାନ ମହତ ରହିବତ ? ମାନ୍ୟବର ଯଶସ୍ୱୀ ପ୍ରଧାନ ମନ୍ତ୍ରୀ 'ଓଡିଶା' କୁଆଡେ ଦେଶର ଗ୍ରୋଥ ଇଂଜିନ ହେବ ବୋଲି କହିଥିଲେ ଆଉ ମଧ୍ୟ କହିଥିଲେ ଆମର ମୋଟ ୪ ଜାତି ଯଥା ୧- ଗରିବ, ୨-କୃଷକ, ୩- ଯୁବପିଢୀ ଆଉ ଚତୁର୍ଥ ହେଲା ମହିଳା। ଉକ୍ତ ଚାରି ଜାତି ଆଜି ସମାଜରେ ଅବହେଳିତ। ଗରିବ ଦିନକୁ ଦିନ ଗରିବ ହେବାରେ ଲାଗିଛି, କୃଷକ ନିଜର ପ୍ରାପ୍ୟ ନପାଇ ହା ହୁତାସ ରେ ଅଛି, ଯୁବ ପୀଢୀ ଶିକ୍ଷା ସମାପ୍ତି ପରେ ବେକାର ହୋଇ ବୁଲୁଛି ଆଉ ମହିଳା ଆଜିସୁଦ୍ଧା ସଶକ୍ତ ଓ ସୁରକ୍ଷୀତ ହୋଇପାରିନାହାଁନ୍ତି ଯାହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ପ୍ରଧାନମନ୍ତ୍ରୀଙ୍କ ମନକୀ ବାତ୍ ରେ କହିଥିବା "ସବକା ସାଥ, ସବକା ବିକାଶ, ସବକା ପ୍ରୟାସ ଓ ସବକା ବିଶ୍ୱାସ" ଯାହା ତାଙ୍କ ଶାସନର ମୁଳପିଣ୍ଡ ତାହା ଆଜି ଭୂଲ ପ୍ରମାଣିତ କରିଛନ୍ତି ରାଜ୍ୟର ମୂଖ୍ୟମନ୍ତ୍ରୀ ମୋହନ ମାଝୀ। ସମସ୍ତଙ୍କର ବିଶ୍ୱାସ ଦିନକୁ ଦିନ ଅବିଶ୍ୱାସରେ ପରିଣତ ହେବାରେ ଲାଗିଛି। ମାନ୍ୟବର ମୂଖ୍ୟମନ୍ତ୍ରୀ ଗୋଟିଏ ଆଦିବାସୀ ଶ୍ରେଣୀରୁ ଆସିଛନ୍ତି। ଆଦିବାସୀ ଅତ୍ୟନ୍ତ ସରଳ, ନିଷ୍କପଟ କିନ୍ତୁ ମାନ୍ୟବର ମୋହନ ମାଝୀଙ୍କ ପକ୍ଷରେ ଏହା ଠିକ୍ ଓଲଟା। ସେ କୁହନ୍ତି ଯାହା କରନ୍ତି ଠିକ୍ ତାର ଓଲଟା। ତାଙ୍କ ଦୁଆର କୁଆଡେ ସମସ୍ତିଙ୍କ ପାଇଁ ଖୋଲା। ଜଣେ ଭିକ୍ଷାବୃତ୍ତି କରୁଥିବା ଲୋକ କୁଆଡେ ତାଙ୍କ ବାସଭବନ ପାଖକୁ ଆସିଥିଲା ଏବଂ ତାଙ୍କ ସୁରକ୍ଷା କର୍ମୀ ଉକ୍ତ ଭୀକାରୀକୁ ତାଙ୍କ ସହିତ ଦେଖାକରିବା ପାଇଁ ସୁଯୋଗ ଦେଇ ନଥିଲେ କିନ୍ତୁ ଏ କଥା ଜାଣିଲା ପରେ ସେ ଭୀକାରୀର ଆପତ୍ତି ଅଭିଯୋଗ ତର୍ଜମା କରି ସମାଧାନ କରିଥିଲେ। ମାତ୍ର ଭୀକାରୀ ସହିତ ଦେଖା କରିନଥିଲେ। ଏ ଲେଖକ ନିଜେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ଅଦ୍ୟାବଧି ତାହା ସଫଳ ହୋଇ ପାରିନାହିଁ। ଜଣେ ବରିଷ୍ଠ ନାଗରିକ, ସାମ୍ବାଦିକର ଯଦି ଏଇ ଦଶା ତେବେ ସାଧାରଣ ଲୋକଙ୍କ କଥା କହିଲେ ନସରେ ! ତାଙ୍କ ଦୁଆର ସଦାବେଳେ ଖୋଲା ମାତ୍ର 'ପ୍ରବେଶ ନିଷେଧ'। ମନେପଡେ ଆଜକୁ ବର୍ଷକ ତଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଥିବା କଥା " ମୁଖ୍ୟମନ୍ତ୍ରୀ ଆସନରେ ବସିଥାଇ ପାରେ, ମାତ୍ର ମୁଁ ଆପଣଙ୍କ ମଧ୍ୟରୁ ଆସିଥିବା ଜଣେ ସାଧାରଣ ଓଡିଆ" ନିଜର ଦେଇଥିବା ଉକ୍ତିକୁ ପାଳନ କରିବା ସହ ନିଜକୁ ଅସାଧାରଣ ନଭାବି ଯଥାଶୀଘ୍ର ଲୋକମାନଙ୍କ ଅଭିଯୋଗକୁ ବିଚାରକୁ ନେଇ ନିଜକୁ ଲୋକଙ୍କ ମୁଖ୍ୟମନ୍ତ୍ରୀ ତଥା ନିଜ ସରକାରକୁ 'ଲୋକଙ୍କ ସରକାର' ରେ ପରିଣତ କରନ୍ତୁ ନଚେତ ଜନତା ଜନାର୍ଦ୍ଦାନ ସେମାନେ ସବୁକିଛି କରିପାରିବେ। ଭଗବାନଙ୍କ ପାଖରେ ଅହଙ୍କାର ଓ ଅହଙ୍କାରୀର ସ୍ଥାନ ନାହିଁ।

**ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ, ଖୋର୍ଦ୍ଧା**
**Umaprasad19555@gmail.com**

# ଡିଜିଟାଲ ସାକ୍ଷରତା ଏବଂ ନୈତିକ ଶୂନ୍ୟତା



**ଗୋପାଳ ମହାପାତ୍ର**

କୌଣସି ରାଷ୍ଟ୍ରର ନିୟତି ତାର ଶିକ୍ଷା ବ୍ୟବସ୍ଥାରୁ ଜଣାପଡିଥାଏ। ଭାରତ ଏକଦା ବିଶ୍ୱଗୁରୁ ଭାବେ ନିଜର ପରିଚୟ ସୃଷ୍ଟି କରିଥିଲା କିନ୍ତୁ ଏବେ କିଂଭୁତ କିମାକାର ବିରୋଧାଭାଷାର ସମୟ ଦେଇ ଗତି କରୁଛି। ଗୋଟିଏ ପଟେ ଆମେ ବିଶ୍ୱର ପ୍ରମୁଖ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛେ ବୋଲି କହୁଛେ କିନ୍ତୁ ଅନ୍ୟ ପଟରେ ଆମର ରାଷ୍ଟ୍ରୀୟ ଚରିତ୍ର ଏବଂ ଶିକ୍ଷାର ମୂଲ୍ୟରେ ଅନେକ ପାର୍ଥକ୍ୟ ଦେଖିବାକୁ ମିଳୁଛି। ଯେତେବେଳେ ଆମ ପାଖରେ ସଂସାଧନ ସିମୀତ ଥିଲା ସେତେବେଳେ ଶିକ୍ଷାର ଉଦେଶ୍ୟଥିଲା ଜ୍ଞାନ ଆହରଣ କରିବା ଏବଂ ଚରିତ୍ରବାନ ହେବା। କିନ୍ତୁ ଆଜିର ସମୟରେ ସଂସାଧନ ଅଧିକ ରହିଛି ହେଲେ ଶିକ୍ଷା ଏକ ଉପଭୋକ୍ତା ବସ୍ତୁରେ ପରିଣତ ହୋଇଯାଇଛି। ଇତିହାସ ସାକ୍ଷୀ ରହିଛି ଯେତେବେଳେ ଭାରତ ଆର୍ଥୀକସ୍ତରରେ ଦୁର୍ବଳ ଥିଲା ସେତେବେଳେ ସମାଜରେ ଶିକ୍ଷା ପ୍ରତି ଏକ ପବିତ୍ର ଦୃଷ୍ଟିକୋଣ ଥିଲା। ସେ ସମୟରେ ମନୋରନର ସାଧନ ସିମୀତ ଥିଲା ଏବଂ ରୋଜଗାରର ଅବସର ଅଧିକ ନଥିଲା ଏଣୁ ଶିକ୍ଷାକୁ ଜୀବନର ଏକମାତ୍ର ଉଦ୍ଧାରର ମାର୍ଗ ଭାବେ ବିବେଚନା କରାଯାଉଥିଲା। ସେ ସମୟରେ ଧନୀ-ଗରୀବ ସବୁ ପିଲାଏ ଗୋଟିଏ କକ୍ଷରେ ଶିକ୍ଷା ଗ୍ରହଣ କରୁଥିଲେ। ଶିକ୍ଷା ସାମାଜିକ ମାନ୍ୟତାର ଆଧାର ଥିଲା।

ସେ ସମୟରେ ଶିକ୍ଷକ କେବଳ ମାତ୍ର କର୍ମଚାରୀ ନଥିଲେ ବରଂ ସମାଜର ନୈତିକ ମାର୍ଗଦର୍ଶକ ଥିଲେ। ତାଙ୍କର ଧନ ସମ୍ପତ୍ତିକୁ ନେଇ ନୁହେଁ ବରଂ ତାଙ୍କର ଜ୍ଞାନ ଏବଂ ଚରିତ୍ର ପାଇଁ ତାଙ୍କୁ (ଶିକ୍ଷକଙ୍କୁ) ସମ୍ମାନ ଦିଆଯାଉଥିଲା। ଆର୍ଥୀକ ଉଦାରୀକରଣ ଏବଂ ବୈଶୟିକ ଜ୍ଞାନ କୌଶଳ (ଟେକନିକ୍)ର ବିସ୍ତାର ସମାଜର ଏକ ବଡ଼ ବର୍ଗଙ୍କ ପାଇଁ ଏବେ ବିନା ଔପଚାରିକ ଶିକ୍ଷାରେ ଆଜୀବିକାର ରାସ୍ତା ଖୋଲିଦେଇଛି। ଏବେ ଓଲା- ଉବେର, ଜୋମାଟୋ- ସ୍ୱିଗି ଭଳି ସଂସ୍ଥା ଏବଂ ହଜାର ହଜାର ସୋରୁମ୍‌ରେ ସେଲସମ୍ୟାନ୍ ବା ଡ଼େଲିଭରି ବୟ ଭାବରେ କାର୍ଯ୍ୟକରି ରୋଜଗାର କରିବା ସହଜ ହୋଇଯାଇଛି। ଯୁବବର୍ଗ ଭାବିଲେଣି ଯଦି ସେମାନେ ୧୦ମ ବା ଯୁକ୍ତ ଦୁଇ ପାଠ ସରିବା ପରେ ୧୫ରୁ ୨୦ ହଜାର ମାସିକ ରୋଜଗାର କରିବା ପାଇଁ ସକ୍ଷମ ତେବେ ଉଚ୍ଚଶିକ୍ଷା ଏବଂ ଚରିତ୍ର ନିର୍ମାଣର ଜଟିଳ ପ୍ରକ୍ରିୟାରେ ସମୟ ନଷ୍ଟ କରିବେ କାହିଁକି ? ସାମାଜିକ ଗଣମାଧ୍ୟମ (ଫେସବୁକ୍, ଇନଷ୍ଟାଗ୍ରାମ ଏବଂ ହ୍ୱାଟସଆପ୍) ଭଳି ମଞ୍ଚ ମଧ୍ୟ ଏ ଭଳି କଥାକୁ ପ୍ରସାରିତ କରୁଛନ୍ତି। ଲୋକେ ରିଲ୍ ଏବଂ ପୋଷ୍ଟକୁ ଅନ୍ତିମ ସତ୍ୟ ବୋଲି ମାନ ନେଉଛନ୍ତି ଯାହା ଫଳରେ ସେମାନଙ୍କର ଆଲୋଚନାତ୍ମକ ବିଚାର ବା ଚିନ୍ତା ସମାପ୍ତ ହୋଇଯାଇଛି।

ଶିକ୍ଷାର ବ୍ୟବସାୟୀ କରଣ ଏବଂ ଆର୍ଥୀକ ସମ୍ପନ୍ନତା ଶିକ୍ଷାକୁ ଦୁଇ ଭାଗରେ ବାଣ୍ଟିଦେଇଛି। ଧନୀକ ବର୍ଗଙ୍କ ପାଇଁ ଶିକ୍ଷା ଏକ ଆଡ଼ମ୍ବରର ବସ୍ତୁ ପାଲଟିଯାଇଛି। ଉଚ୍ଚହାରର ଫିସ ଦେଇ ଡ଼ିଗ୍ରୀ କିଣାଯାଇପାରେ କିନ୍ତୁ ସଂସ୍କାର, ଅନୁଶାସନ ଏବଂ ବାସ୍ତବିକ ଜ୍ଞାନର ଅଭାବ ରହିଯାଇଥାଏ। ଶିକ୍ଷାର ଉଦେଶ୍ୟ ଏକ ଆଭିଯାତ୍ୟର ସିମ୍ବଲ ହୋଇଗଲାଣି। ସରକାରୀ ସ୍କୁଲ ସବୁର ଅବ୍ୟବସ୍ଥା ଏବଂ ଘରୋଇ ଶିକ୍ଷାନୁଷ୍ଠାନ ମାନଙ୍କର ମହଙ୍ଗା ଫିସ୍ ମଧ୍ୟରେ ଗରୀବ ପିଲାମାନେ କେବଳ କାମଚଳା ସାକ୍ଷରତା ପର୍ଯ୍ୟନ୍ତ ସିମୀତ ହୋଇ ରହିଯାଉଛନ୍ତି। ଟେକନିକର ବିକାଶ କାରଣରୁ ଗୁରୁ ଶିଷ୍ୟ ପରମ୍ପରାର ଅନ୍ତ ଘଟିଛି। ଅନ୍‌ଲାଇନ୍ ଶିକ୍ଷା ଏବଂ ଗୁଗୁଲ ଏବଂ ଜିଜ୍ଞାସା ବା ଜାଣିବାର ଇଚ୍ଛାକୁ ସୁଗମ ଓ ସୁଲଭ କରିଦେଇଛି କିନ୍ତୁ ଜ୍ଞାନ ଏବଂ ବୋଧକୁ ଛଡାଇ ନେଇଛି। ଅନଲାଇନରେ ପରୀକ୍ଷା କରାଯାଉଛି ଓ ଡ଼ିଗ୍ରୀ ମଧ୍ୟ ପ୍ରଦାନ କରାଯାଉଛି। ମିଳୁଥିବା ଏହି ଡିଗ୍ରୀ ଖଣ୍ଡେ କାଗଜ ଠାରୁ ଅଧିକ କିଛି ନୁହେଁ। ଏଥିରେ ଶିକ୍ଷାଲାଭ କରିବାର ତପସ୍ୟା ଏବଂ ଅନୁଶାସନ ନଥାଏ ଯାହା ଗୁରୁଙ୍କ ସାନିଧ୍ୟରୁ ପ୍ରାପ୍ତ ହୋଇଥାଏ।

ଏବେ ଶିକ୍ଷକ (ଗୁରୁ)ଙ୍କୁ ସର୍ଭିସ ପ୍ରୋଭାଇଡ଼ର ବା ସେବା ପ୍ରଦାନକାରୀ ବୋଲି ମାନ ନିଆଯାଉଛି। ଶିକ୍ଷକ ମାନଙ୍କୁ ଶିକ୍ଷା ଦାନ ପରିବର୍ତ୍ତେ ଅନେକ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଯେତେବେଳେ ଶିକ୍ଷାର ଉଦେଶ୍ୟ କେବଳ ରୋଜଗାର ବା ଗୁଜୁରାଣ ମେଣ୍ଟାଇବା ଭିତରେ ରହିଯାଏ ସେତେବେଳେ ରାଷ୍ଟ୍ରୀୟ ଚରିତ୍ରର ପତନ ସୁନିଶ୍ଚିତ ହୋଇଥାଏ। ଆଜିକାଲି ସବୁଠି ଅନୁଶାସନହୀନତା ଦେଖିବାକୁ ମିଳୁଛି। ଏକ ତୁଳନାତ୍ମକ ଅଧ୍ୟୟନରୁ ସ୍ପଷ୍ଟ ଯେ ଜାପାନ, ଜର୍ମାନ ଏବଂ ଚୀନ ଭଳି ଦେଶ ଆମଠାରୁ ଆଗରେ ରହିବାର କାରଣ କେବଳ ଧନ ବା ଆର୍ଥୀକ ବ୍ୟବସ୍ଥା ନୁହେଁ ବରଂ ଅନୁଶାସନ ଏବଂ ରାଷ୍ଟ୍ରୀୟ ଗୌରବ ସେମାନଙ୍କ ଶିକ୍ଷାର ମୂଳ ଆଧାର ଯେଉଁଥିପାଇଁ ସେମାନେ ଆମ ଆଗରେ ଅଛନ୍ତି। ଆମ ଦେଶରେ କିନ୍ତୁ ଭିନ୍ନ କଥା ରହିଛି। ବ୍ୟକ୍ତିଗତ ସ୍ୱାର୍ଥକୁ ରାଷ୍ଟ୍ରୀୟହିତର ଉପରେ ରଖାଯାଉଛି।

ଆମେ ଟେକନିକ ଏବଂ ଆର୍ଥୀକ ପ୍ରଗତିର ଯୁଗରୁ ପଛକୁ ଫେରିପାରିବା ନାହିଁ କିନ୍ତୁ ବ୍ୟବସ୍ଥାକୁ ତ ସୁଧାରି ପାରିବା। ଆମ ଶିକ୍ଷା ବ୍ୟବସ୍ଥାର ପାଠ୍ୟକ୍ରମରେ ରାଷ୍ଟ୍ରୀୟ ଚରିତ୍ର ନିର୍ମାଣ, ନୈତିକତା ଏବଂ ନାଗରିକର କର୍ତ୍ତବ୍ୟ ବାବଦରେ ଶିକ୍ଷା ଦିଆଯିବା ଆବଶ୍ୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶିକ୍ଷକଙ୍କୁ ସମାଜର ଶୀର୍ଷସ୍ଥାନରେ ସ୍ଥାପିତ କରାଯିବା ଦରକାର। ଶିକ୍ଷକ ମାନଙ୍କୁ ଉପଯୁକ୍ତ ସୁବିଧା ସୁଯୋଗ ମିଳିଲେ ସେମାନେ ଚିନ୍ତାମୁକ୍ତ ହୋଇ ଉତ୍ତମ ଶିକ୍ଷା ପ୍ରଦାନ କରିବାରେ ସମର୍ଥ ହେବେ। ଆର୍ଥୀକ ସମ୍ପନ୍ନତା ସହ ଯଦି ସଂସ୍କାର ଏବଂ ଚରିତ୍ର ନରହିବ ତେବେ ସମାଜର ବିନାଶ ଅବଶ୍ୟମ୍ଭାବୀ। ଆମ ଦେଶରେ ଏମିତି ଏକ ବ୍ୟବସ୍ଥାର ଆବଶ୍ୟକତା ରହିଛି ଯେଉଁଠି ଟେକନିକ୍‌ର ଉପଯୋଗ ରହିବ ଓ ତାସହ ଗୁରୁଙ୍କ ଗରିମା ଏବଂ ଅନୁଶାସନ ମଧ୍ୟ ରହିବ। ଯଦି ଆମେ ଆମ ରାଷ୍ଟ୍ରୀୟ ଚରିତ୍ରକୁ ସୁଧାରି ନପାରିବା ତେବେ ଭବିଷ୍ୟତର ପିଢ଼ୀ କେବଳ ସାକ୍ଷର ହେବେ, ଶିକ୍ଷିତ ହୋଇପାରିବେ ନାହିଁ। ରାଷ୍ଟ୍ରର ବାସ୍ତବିକସ୍ଥିତି ଓ ମଜଭୁତି ଜିଡିପିରେ ନୁହେଁ ବରଂ ନାଗରିକଙ୍କ ଆଚରଣ ଏବଂ ନୈତିକତାରେ ନିହିତ ରହିଥାଏ।

**ରାମଚନ୍ଦ୍ରପୁର, ରଣପୁର,**
**ମୋ:୯୪୩୮୪୮୫୦୯୪**

# ସ୍ୱାସ୍ଥ୍ୟସେବାରେ ସେବିକା



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ପ୍ରତିବର୍ଷ ଭଳି ଆମେ ମେ' ୧୨ ତାରିଖକୁ ଆନ୍ତର୍ଜାତିକ ନର୍ସ ବା ସେବିକା ଦିବସ ଭାବରେ ସାରା ରାଜ୍ୟରେ ପାଳନ କରିଥାଉ । ଚଳିତ ବର୍ଷ ଏହି ଦିବସଟିର ପାଳନ ଅବସରରେ ଯେଉଁ ସ୍ଲୋଗାନ୍‌ଟି ରଖାଯାଇଛି, ସେଇଟି ହେଲା – "ଉନ୍ନତ ମାନର ସେବା ଯୋଗାଣ, ଜନସମାଜର ସେବା, ରୋଗୀଙ୍କ ସେବା କ୍ଷେତ୍ରରେ ସେବିକାଙ୍କ ଅଗ୍ରଣୀ ଭୂମିକା ।" ନିଜର ଦାୟିତ୍ୱ ସମ୍ପର୍କରେ ସେବିକାମାନଙ୍କୁ ସଚେତନ କରାଇବା ହେଲା ଏହି ଦିବସର ମୂଳଲକ୍ଷ୍ୟ । ରୋଗୀମାନଙ୍କର ସେବା, ଯତ୍ନ ଓ ସ୍ୱାସ୍ଥ୍ୟସେବା ଠିକ୍ ଭାବେ ଯୋଗାଇଦେବା ହେଉଛି ସେବିକାମାନଙ୍କର କର୍ତ୍ତବ୍ୟ । ଏହି କର୍ତ୍ତବ୍ୟ ପ୍ରତି ସଚେତନ କରାଇବା ପାଇଁ ପ୍ରତ୍ୟେକ ବର୍ଷ ଆନ୍ତର୍ଜାତିୟ ସେବିକା ଦିବସଟିକୁ ପାଳନ କରାଯାଏ । ଆମ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନାରୀମାନଙ୍କର ଭୂମିକାକୁ ଅସ୍ୱୀକାର କରାଯାଇ ନପାରେ । ଏ କ୍ଷେତ୍ରରେ ଆଧୁନିକ ନର୍ସସେବାର ଜନନୀ ଭାବରେ ପରିଚିତା ଫ୍ଲୋରେନ୍ସ ନାଇଟିଙ୍ଗେଲ୍‌ଙ୍କ ଭୂମିକାକୁ ସର୍ବାଗ୍ରେ ସ୍ମରଣ କରାଯାଏ । ରୋଗୀମାନଙ୍କୁ ଆଦର, ଯତ୍ନ ଓ ସେବା ଭଳି ମହାନ୍ ତ୍ୟାଗ ଓ ଉତ୍ସର୍ଗୀକୃତ ସେବା ଭାବନାର ପରାକାଷ୍ଠା ସେ ଦେଖାଇଥିଲେ, ତାହାକୁ ଯେତେ ପ୍ରଶଂସା କରାଗଲେ ମଧ୍ୟ କମ୍ ହେବ । ସେଥିପାଇଁ ଏହି ମହିୟସୀ ନାରୀଙ୍କର ସେବାକ୍ଷେତ୍ରରେ ରହିଥିବା ତାଙ୍କର ଏହି ଅବଦାନକୁ ସ୍ମରଣ କରିବା ପାଇଁ ତାଙ୍କର ଜନ୍ମଦିନଟିକୁ ଆନ୍ତର୍ଜାତୀୟ ସେବିକା ଦିବସ ଭାବରେ ପାଳନ କରାଯାଉଛି । ପ୍ରତ୍ୟକ୍ଷ ବା ପରୋକ୍ଷରେ ସ୍ୱାସ୍ଥ୍ୟସେବା ଯୋଗାଉଥିବା ନର୍ସ ବା ସେବିକା କହିଲେ, ଏଏନ୍‌ଏମ୍ (ମହିଳା ସ୍ୱାସ୍ଥ୍ୟକର୍ମୀ), ଜିଏନ୍‌ଏମ୍ (ଷ୍ଟାଫ୍ ନର୍ସ), ଏଏଚ୍‌ଭି, ବିଏସ୍‌ସିଏନ୍ (ସିଷ୍ଟର ଟିଉଟର) ଓ ଏମ୍‌ଏସ୍‌ସିଏନ୍ (ସିଷ୍ଟର ଟିଉଟର)ଙ୍କୁ ବୁଝାଏ । ଏଠାରେ ସେବିକାମାନଙ୍କ କାର୍ଯ୍ୟ ସମ୍ପର୍କରେ ଏକ ବାସ୍ତବ ଚିତ୍ର ଉପସ୍ଥାପନର ଆବଶ୍ୟକତା ରହିଛି । ତେବେ ରୋଗୀ ଓ ସାଧାରଣ ଲୋକଙ୍କୁ ମହିଳା ସ୍ୱାସ୍ଥ୍ୟ କର୍ମୀ ଓ ଷ୍ଟାଫ୍ ନର୍ସ ପ୍ରତ୍ୟକ୍ଷ ଭାବେ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ବେଳେ ଏଲ୍‌ଏଚ୍‌ଭି ଓ ସିଷ୍ଟର ଟିଉଟରମାନେ ସ୍ୱାସ୍ଥ୍ୟସେବାକୁ ପରୋକ୍ଷରେ ତ୍ୱରାନ୍ୱିତ କରିଥାନ୍ତି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆରମ୍ଭ କରି ବଡ଼ ହସ୍‌ପିଟାଲ୍ ମାନଙ୍କରେ ଷ୍ଟାଫ୍ ନର୍ସମାନେ ରୋଗୀମାନଙ୍କୁ ପ୍ରତ୍ୟକ୍ଷ ସେବା ଯୋଗାଉଥିବାବେଳେ ଗ୍ରାମାଞ୍ଚଳ ଲୋକମାନଙ୍କୁ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ପ୍ରତ୍ୟକ୍ଷ ସେବା ଯୋଗାଇଥାନ୍ତି । ମୁଖ୍ୟତଃ ଏଲ୍‌ଏଚ୍‌ଭିମାନେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା ପରିଚାଳନା, ପରିଦର୍ଶନ ଓ ନିୟନ୍ତ୍ରଣ କରୁଥିବା ବେଳେ ସିଷ୍ଟର ଟିଉଟରମାନେ ମୁଖ୍ୟତଃ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ଷ୍ଟାଫ୍‌ନର୍ସମାନଙ୍କୁ ଶିକ୍ଷାଦାନ କରିଥାନ୍ତି ।ଆମ ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନାରୀମାନଙ୍କର ଯୋଗଦାନ କିଛି କମ୍ ନାହିଁ । ସରକାରୀ ଓ ବେସରକାରୀ ଚିକିତ୍ସାଳୟ, ନର୍ସିଂହୋମ୍ ଇତ୍ୟାଦିର ସଂଖ୍ୟା ଉଭୟ ସହର ଓ ଗ୍ରାମାଞ୍ଚଳରେ ବୃଦ୍ଧି ପାଇବାରେ ଲାଗିଛି । ପୂର୍ବଭଳି ଆଉ ମା'ମାନଙ୍କର ସନ୍ତାନ ପ୍ରସବ ସମସ୍ୟାଜନିତ ମୃତ୍ୟୁ ଆଜିକାଲି ଦେଖାଯାଉନାହିଁ କହିଲେ ଭୁଲ ହେବ ନାହିଁ । ୟୁଏସ୍‌ଏଡ୍ (ଆମେରିକାର ଏକ ସାହାଯ୍ୟକାରୀ ସଂସ୍ଥା) ତଥା ୟୁନିସେଫ୍ ପାଣ୍ଠିରେ ଚାଲିଥିବା ଏନ୍‌ଆର୍‌ଏଚଏମ୍‌ର କାର୍ଯ୍ୟକ୍ରମ ଦ୍ୱାରା ଆଜିକାଲି ପ୍ରତ୍ୟେକ ଗାଁମାନଙ୍କରେ ଆଶାକର୍ମୀମାନଙ୍କ ମାଧ୍ୟମରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବା ଯୋଗୁଁ ଶିଶୁମୃତ୍ୟୁ ହାର ଏବଂ ପ୍ରସବକାଳୀନ ମୃତ୍ୟୁ ହାର ବହୁତ ପରିମାଣରେ କମ୍ ହୋଇଥିବା ଲକ୍ଷ୍ୟ କରାଯାଉଛି । ଲୋକମାନଙ୍କ ମନରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବା ପାଇଁ ଦୂରଦର୍ଶନ, ଘରୋଇ ଚାନେଲ୍, ରେଡ଼ିଓ, ପୋଷ୍ଟର ଓ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଯେଉଁ ପ୍ରଚାର ପ୍ରସାର କରାଯାଉଛି, ତାହା ନିଶ୍ଚିତ ଭାବେ ଆମର ସବୁବର୍ଗର ଲୋକମାନଙ୍କର କଲ୍ୟାଣ ସାଧନ କରିପାରୁଛି । ଆମ ରାଜ୍ୟର ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା "କଲ୍ୟାଣୀ" ଦୂରଦର୍ଶନ କାର୍ଯ୍ୟକ୍ରମ ସର୍ବଭାରତୀୟ କ୍ଷେତ୍ରରେ ପୁରସ୍କୃତ ହୋଇପାରିଛି । ଆଜିକାଲି ଆଉ ମା'ମାନଙ୍କର ପ୍ରସବକାଳୀନ ସମସ୍ୟା ନାହିଁ । ସେମାନେ ନିଜ ଘରେ ସନ୍ତାନ ପ୍ରସବ ନ କରି ଡାକ୍ତରଖାନାକୁ ଯିବା ନିରାପଦ ମଣୁଛନ୍ତି । ଗ୍ରାମାଞ୍ଚଳମାନଙ୍କରେ ଥିବା "ଆଶା" ଦିଦିମାନେ ଘରେ ଘରେ ଲୋକପ୍ରିୟତା ଅର୍ଜନ କରିଥିବା ସେମାନଙ୍କର ଉତ୍ସର୍ଗୀକୃତ ସେବା ମନୋଭାବର ପରିଚୟ ପ୍ରଦାନ କରୁଛି । ଆମ ରାଜ୍ୟର ନାରୀମାନେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେମାନଙ୍କର ସମର୍ପିତ ସେବା ଭାବନା ଓ କର୍ତ୍ତବ୍ୟ ବୋଧର ପରାକାଷ୍ଠା ଦେଖାଇପାରିଲେ ଆନ୍ତର୍ଜାତୀୟ ସେବିକା ଦିବସ ପାଳନର ପ୍ରକୃତ ଉଦ୍ଦେଶ୍ୟ ନିଶ୍ଚିତ ପୂରଣ ହୋଇପାରିବ ।

**ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ,**
**ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,**
**କଟକ, ଦୂରଭାଷ : ୯୪୩୭୦୫୧୯୫୭**

# ବିଶ୍ୱ ପରିବେଶ ସୁରକ୍ଷା ଦିବସରେ ବୃକ୍ଷରୋପଣ

**କେନ୍ଦ୍ରାପଡ଼ା,୫।୬(ନି.ପ୍ର) :** ବିଶ୍ୱ ପରିବେଶ ସୁରକ୍ଷା ଦିବସରେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଚକ୍ରୋଡା ଗ୍ରାମ ପଞ୍ଚାୟତର ତାରାପୁର ଗ୍ରାମରେ ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଦ୍ୟାଳୟ ତରଫରୁ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ସେହି ସଂସ୍ଥାର ମୁଖ୍ୟ ବ୍ରହ୍ମା କୁମାରୀ ସ୍ନେହ ଭଉଣୀ



ପରିବେଶ ସୁରକ୍ଷା ଦିଗରେ ବୃକ୍ଷ ର ଆବଶ୍ୟକତା ବିଷୟରେ ବିଭିନ୍ନ ମୂଲ୍ୟବାନ କଥା ମାନ ତା'ର ଉପକାରୀ ତା ସଂପର୍କରେ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସେହି ପଞ୍ଚାୟତର ପୂର୍ବତନ ବ୍ଲକ ସଭାପତି ପ୍ରଦିପ୍ତ ମହାନ୍ତି ପୂର୍ବତନ ସରପଞ୍ଚ ବସନ୍ତ କୁମାର ରାଉତ, ସମାଜ ସେବୀ ଗଦାଧର ମଳିକ ସହିତ ବ୍ରହ୍ମ କୁମାରୀ ସଂସ୍ଥାର ବ୍ରହ୍ମ କୁମାରୀ ପ୍ରଜ୍ଞା ଭଉଣୀ, ସୁଚିତ୍ରା ଭଉଣୀ,ରବି ଭାଇ, ବିଶ୍ୱରଂଜନ ଭାଇ, ସରୋଜ ଭାଇ, ନିରଞ୍ଜନ ଭାଇ ଓ ଅଲେଖ ଉପସ୍ଥିତ ରହିଥିଲେ। ଉକ୍ତ ପଞ୍ଚାୟତର ପୂର୍ବତନ ବ୍ଲକ ସମିତି ସଭ୍ୟ ଙ୍କ ସୁପୁତ୍ର ସଞ୍ଜିବ୍ ବିଶ୍ୱାଳ ଏହି କାର୍ଯ୍ୟକ୍ରମକୁ ସଂମ୍ପାଦାନ କରିଥିଲେ।

## ଗ୍ରୀଷ୍ମକାଳୀନ ଯୋଗ ଶିବିର

**କେନ୍ଦ୍ରାପଡ଼ା,୫।୬ :** ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରୟାସ ଏବଂ ଜିଲ୍ଲା ପ୍ରଶାସନ (କ୍ରୀଡ଼ା ବିଭାଗ), କେନ୍ଦ୍ରାପଡ଼ାଙ୍କ ସହଯୋଗରେ ସାମଗୁଡ଼ିଆସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଏକ ସପ୍ତାହବ୍ୟାପୀ ଗ୍ରୀଷ୍ମକାଳୀନ ଯୋଗ ଶିବିର ଆଜି ଉଦ୍ଘାଟିତ ହୋଇଛି। ଏହି ଶିବିରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଯୋଗ ଅନୁଷ୍ଠାନରୁ ଶତାଧିକ ଛାତ୍ରଛାତ୍ରୀ ଓ ଯୋଗପ୍ରେମୀ ଅଂଶଗ୍ରହଣ କରିଛନ୍ତି। ଶିବିରଟି ପ୍ରତିଦିନ ସକାଳ ୭ଟାରୁ ୮ଟା ଏବଂ ସନ୍ଧ୍ୟା ୫ଟାରୁ ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବୀନ୍ଦ୍ର କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ସେ ଯୋଗ ଅଭ୍ୟାସର ଶାରୀରିକ ଓ ମାନସିକ ଉପକାରିତା ଉପରେ ଆଲୋକପାତ କରି ଯୁବପିଢ଼ୀଙ୍କୁ ନିୟମିତ ଯୋଗାଭ୍ୟାସ ପାଇଁ ପ୍ରେରିତ କରିଥିଲେ। ଶିବିରରେ ଯୋଗାସନ, ପ୍ରାଣାୟାମ, ବନ୍ଧ, ମୁଦ୍ରା ଏବଂ ବିଭିନ୍ନ ଯୋଗ କ୍ରିୟା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଜିଲ୍ଲା କ୍ରୀଡ଼ା ଅଧିକାରୀ ତଥା ଆନ୍ତର୍ଜାତୀୟ ଯୋଗ ବିଚାରକ 'ଯୋଗ ରତ୍ନ' ଶ୍ରୀ ଲୋକନାଥ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହେଉଛି। ତାଙ୍କ ସହ ଖେଲୋ ଇଣ୍ଡିଆ ସେଣ୍ଟରର ଯୋଗ ପ୍ରଶିକ୍ଷକ ଶ୍ରୀ ଟୁଲୁ ମଳିକ ଏବଂ ଶ୍ରୀ ସଞ୍ଜୟ ମଥାନ ଶିବିରାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ।

### ନଦୀ ଆନ୍ଦୋଳନକାରୀ ମାନେ ପାଳିଲେ ବିଶ୍ୱ ପରିବେଶ ଦିବସ

# ଗଙ୍ଗୁଆ ଓ ଦାୟାର ସୁରକ୍ଷା ପାଇଁ ଦେଲେ ଆହ୍ୱାନ

■ ପରିବେଶ ସୁରକ୍ଷା ପାଇଁ ଗଛ ମଧ୍ୟ ଲଗାଇଲେ

**ଭୁବନେଶ୍ୱର,୫।୬ :** ବିଶ୍ୱ ପରିବେଶ ଦିବସ ଅବସରରେ ନଦୀ ଆନ୍ଦୋଳନକାରୀ ମାନେ ଆଜି ଗଙ୍ଗୁଆ କୂଳରେ ଏକତ୍ରିତ ହୋଇ ଗଙ୍ଗୁଆକୁ ନଦୀର ମାନ୍ୟତା ଦାବି କରିବା ସହିତ ଏହାର ପୁନଃରୁଦ୍ଧାର ପାଇଁ ସରକାରଙ୍କ ପ୍ରୟାସ କୁ ସମର୍ଥନ ଜଣାଇଛନ୍ତି। କିନ୍ତୁ ଗୋଟିଏ ନଦୀର ସୌନ୍ଦର୍ଯ୍ୟ ହେଉଛି ତାର ଜଳ ଧାର ବା ପ୍ରବାହ । ସରକାର ଗଙ୍ଗୁଆ କୂଳରେ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ପ୍ରତି ଗୁରୁତ୍ୱ ଦେଇ ଅଜସ୍ର ଅର୍ଥ ଖର୍ଚ୍ଚ କରିବା ବଦଳରେ ଗଙ୍ଗୁଆରେ କେମିତି ପୂର୍ବପରି ପାଣି ପ୍ରବାହିତ ହେବ ସେଥିପାଇଁ ଗୁରୁତ୍ୱ ଦେବାକୁ ସେମାନେ ଦାବି କରିଥିଲେ । ଗଙ୍ଗୁଆ ଜମିକୁ ଯେଉଁମାନେ ଜବରଦଖଲ କରି ରଖିଛନ୍ତି ସେମାନଂକୁ ସେଥିରୁ ହଟାଇବା ସହିତ ଏହାକୁ ପ୍ରଦୂଷଣ କରୁଥିବା ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେମାନେ ଦାବି କରିଛନ୍ତି ।

ଆଜି ପୂର୍ବାହ୍ନ ୮ ଘଟିକା ସମୟରେ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଏକ ପଦଯାତ୍ରା ଧଉଳି ଛକରୁ ବାହାରି ଧଉଳି ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ପହଂଚିବା ପରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକମାନେ ସାମିଲ ହୋଇଥିଲେ । ଆଞ୍ଚଳିକ ବିକାଶ ପରିଷଦର ସଭାପତି ବୃନ୍ଦାବନ ସାହୁ, ଉପସଭାପତି କବି ଅକ୍ଷୟ ସ୍ୱାଇଁ, ସମ୍ପାଦକ ଅରୁଣ ପୁରୋହିତ, ବରିଷ୍ଠ ସଦସ୍ୟ ଲକ୍ଷ୍ମୀଧର ପ୍ରଧାନ, ଧଉଳି ସରପଞ୍ଚ ଚନ୍ଦନ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପ୍ରଶାନ୍ତ ମିଶ୍ର ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ । ଏଥିରେ ମହାନଦୀ ବଞ୍ଚାଓ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ବରିଷ୍ଠ ସଭ୍ୟ ଗିରିଜା ଶଙ୍କର ଦାସ, ପ୍ରବକ୍ତା ପ୍ରସନ୍ନ ବିଶୋଇ ପ୍ରମୁଖ ଯୋଗ ଦେଇଥିଲେ । ବୃକ୍ଷ ରୋପଣ ପରେ



ସେମାନେ ଗଙ୍ଗୁଆ ନଦୀ କୂଳକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଗଙ୍ଗୁଆ କୁ ନାଳ ପରିବର୍ତ୍ତେ ଏହାର ପୂର୍ବର ନାମ ଗନ୍ଧବତୀ ନଦୀ ଭାବରେ ଘୋଷଣା କରିବାକୁ ସେମାନେ ସରକାରଙ୍କ ନିକଟରେ ଦାବି କରିଥିଲେ । ଗଙ୍ଗୁଆ ନଦୀର ସୌନ୍ଦର୍ଯ୍ୟ ହେଉଛି ତାର ପାଣି ଏବଂ ସେଇଥିପାଇଁ ଏହାର ଉତ୍ପତି ସ୍ଥଳରୁ ଦୟାରେ ମିଶିବା ପର୍ଯ୍ୟନ୍ତ ଏହାର ଅବବାହିକାକୁ ସୁସ୍ଥ ରଖିବା ପାଇଁ ସେମାନେ ଦାବି କରିଥିଲେ । ଗଙ୍ଗୁଆ ପାଇଁ ଦୟା ଆଜି ବିଷାକ୍ତ ଏବଂ ଚିଲିକା ମଧ୍ୟ । ତେଣୁ ସରକାର ଏଥିପାଇଁ ଯେଉଁ ମାଷ୍ଟର ପ୍ଲାନ କରିଛନ୍ତି ସେଥିରେ ଦୟା ନଦୀକୁ ମଧ୍ୟ ସାମିଲ କରିବା ଉଚିତ ବୋଲି କହିଥିଲେ । ଖୁବ ଶୀଘ୍ର ଗଙ୍ଗୁଆ ଓ ଦୟା ବଞ୍ଚାଓ ସମ୍ମିଳନୀ ଆୟୋଜିତ ହେବା ସହିତ ଗଙ୍ଗୁଆ କୂଳେ କୂଳେ ଏକ ପଦଯାତ୍ରା ଆୟୋଜନ କରାଯିବ ବୋଲି ମହାନଦୀ ବଞ୍ଚାଓ ଆନ୍ଦୋଳନ ର ଆବାହକ ଶ୍ରୀ ସୁଦର୍ଶନ ଦାସ କହିଛନ୍ତି।

# ପ୍ରକୃତିମିତ୍ର ପୁରସ୍କାରରେ ସମ୍ମାନିତ ହେଲା କୁଦଗାଁ ଜୈବବିବିଧାତା ସମିତି



**ଆଠମଲ୍ଲିକ,୫।୬ :** ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ କୁଦଗାଁ ପଂଚାୟତ ର ଜୈବବିବିଧତା ପରିଚାଳନା ସମିତି (ବିଏମସି)କୁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଅଛି । ଜିଲ୍ଲା ସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଅନୁଗୋଳ ସଭାଘର ଠାରେ ଏହି ପୁରସ୍କାର ପାଇଁ ଏକ ମାନପତ୍ର ସହିତ ୨୦ ହଜାର ଟଂକା ସମିତିର ଅଧ୍ୟକ୍ଷ ଅଭିମନ୍ୟୁ କର୍ଣ୍ଣଂକୁ ପ୍ରଦାନ କରାଯାଇଅଛି। ମାନ୍ୟବର ବିଧାୟକ ଛେଣ୍ଡିପଦା ଅଗସ୍ତି ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଆରସି.ସି.ଏଫ୍ ଡା. ସଂଜୟ କୁମାର ସ୍ୱାଇଁଂକ କରକମଳରୁ ଏହି ପୁରସ୍କାର ଶ୍ରୀ କର୍ଣ୍ଣ ଗ୍ରହଣ କରିଥିଲେ । କୁଦଗାଁ ଜୈବବିବିଧତା ପରିଚାଳନା ସମିତି ପଂଚାୟତସ୍ତରୀୟ ଏକ ଜୈବବିବିଧତା ନଥିପତ୍ର ପ୍ରସ୍ତୁତି କରିଥିବା ବେଳେ ଜୈବିକ କୃଷି, ଦେଶୀୟ ପ୍ରଜାତିର ବିହନର ସୁରକ୍ଷା ଓ ପ୍ରୟୋଗ, ଦେଶୀୟ ପ୍ରଜାତିର ଗଛଲତା ଓ ଔଷଧୀୟ ଗଛଲତାର ସୁରକ୍ଷା ଏବଂ ଧାରାବାହିକ ବ୍ୟବହାର, ପ୍ଲାଷ୍ଟିକ ବ୍ୟବହାର ନିୟନ୍ତ୍ରଣ ସହିତ ସ୍ଥାନୀୟ ନଦୀନାଳ, ପୋଖରୀର ସୁରକ୍ଷା ଓ ପୁନରୁଦ୍ଧାର କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଅଛି । କୁଦଗାଁର ଦେଶୀୟ ବାଇଗଣ ଓ କନ୍ଦମୂଳର ଚାଷକୁ ପାରମ୍ପରିକ ଦେଶୀୟ ଢଂଗରେ କରିଆସୁଥିବାର ନିଷ୍ଠା ଏବଂ ସ୍ୱତନ୍ତ୍ର ଭାବେ ଘରଚଟିଆ ମାନଂକର ସୁରକ୍ଷା ରେ ପଦକ୍ଷେପ ନେଇଥିବାରୁ ସରକାରଂକ ପକ୍ଷରୁ ପ୍ରକୃତି ମିତ୍ର ପାଇବା ପାଇଁ ଯୋଗ୍ୟ ହୋଇଛନ୍ତି । ଜୈବବିବିଧତା ସମିତିର ଅଧ୍ୟକ୍ଷ ଶ୍ରୀ କର୍ଣ୍ଣ ସ୍ଥାନୀୟ ସରପଂଚ ସିର୍ଦ୍ଧାର୍ଥ ଶଂକର କ୍ଷେତୀ, ଓଡିଶା ଜୈବବିବିଧତା ବୋର୍ଡର ଟିମ୍ , ସ୍ଥାନୀୟ ବନ ବିଭାଗ ସହିତ ଅନ୍ୟାନ୍ୟ ସରକାରୀ ବିଭାଗ ଏବଂ ପଂଚାୟତର ସମସ୍ତ ଗ୍ରାମବାସୀଂକ ସହଯୋଗ ପାଇଁ ଆମର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥିବା ଓ ପୁରସ୍କାର ମିଳିଥିବା ପ୍ରକାଶ କରିଛନ୍ତି ।

## ଚନ୍ଦକା ୱାଇଲଡ ଲାଇଫ ଡିଭିଜନ ତରଫରୁ ବୃକ୍ଷ ରୋପଣ

**ଭୁବନେଶ୍ୱର,୫।୬ :** ଆଜି ବିଶ୍ୱ ପରିବେଶ ଦିବସ ଅବସରରେ ଚନ୍ଦକା ୱାଇଲଡ ଲାଇଫ ଡିଭିଜନ ତରଫରୁ ଆମ ବାଳାଶ୍ରମର ପରିବେଶ କୁ ସୁନ୍ଦର କରିବା ପାଇଁ ଭୁବନେଶ୍ୱର ଚନ୍ଦକା ସ୍ଥିତ ରାମକୃଷ୍ଣ ବାଳାଶ୍ରମ ଚାରି ପାଖରେ ପ୍ରାୟ ୧୦୦୦୦ ବୃକ୍ଷ ରୋପଣ କରାଯାଇଥିଲା । ଏହି ବୃହତ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ରାମକୃଷ୍ଣ ବାଳାଶ୍ରମ ର ସମସ୍ତ ଅନ୍ତେବାସୀ ଭାଗନେବା ସହ ଏସିଏଫ ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ମହାନ୍ତି, ରେଞ୍ଜର ଶ୍ରୀଯୁକ୍ତ ଧ୍ୟାନ ଟୁଡୁ, ଫରେଷ୍ଟର ଶ୍ରୀଯୁକ୍ତ ବିଷ୍ଣୁ କୁମାର ପ୍ରଧାନ ଓ ଶ୍ରୀଯୁକ୍ତ ଆଦିତ୍ୟ ହାତୀ, ଫରେଷ୍ଟ ଗାର୍ଡ ଶ୍ରୀ ହରିହର ମହାରଣା, ଶ୍ରୀ ରାମଚନ୍ଦ୍ର ଦାସ, ଏସିଆନ କିଣ୍ଡୋ, ଆଲୋକ ବେହେରା ଓ ଶ୍ରୀମତୀ ବିନତା ଜେନା ପ୍ରମୁଖ ଉପସ୍ଥିତ ରହିବ ସହ ରାମକୃଷ୍ଣ ବାଳାଶ୍ରମ ର ସମ୍ପାଦକ ଶ୍ରୀଯୁକ୍ତ ବିଭୂତି ଭୂଷଣ ରାଉତ ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।



# ଅନ୍ତଃ ଜିଲ୍ଲା ସି.ଏମ ଟ୍ରଫିର ଚତୁର୍ଥ ଦିନ



**ବ୍ରହ୍ମପୁର,୫।୬ :** ଅନ୍ତଃ ଜିଲ୍ଲା ସି.ଏମ କପ ବ୍ରହ୍ମପୁର ଜୋନ ରେ ଆଜି ଅନ୍ତଃ ୧୪ ବର୍ଷୀୟ ବାଳିକା ବର୍ଗରେ ମାଲକାନଗିରି ଓ କୋରାପୁଟ ଜିଲ୍ଲା ମଧ୍ୟରେ ଖେଳା ଯାଇଥିଲା, ମାଲକାନଗିରି ବାଳିକା ଦଳ ପକ୍ଷରୁ ସୁମିତା ଦାସ ଓ ମଧୁସ୍ମିତା ସୀସା ଦଳ ପାଇଁ ଗୋଟି ଲେଖାଏଁ ଗୋଲ କରିଥିଲେ ଓ ଏଥିସହ ମାଲକାନଗିରି ୨-୦ ଗୋଲ କରି ବିଜୟ ହାସଲ କରିଛି। ସେହି ପରି ଦ୍ୱିତୀୟ ମ୍ୟାଚ ବାଳିକା ବର୍ଗ ରେ ନବରଙ୍ଗପୁର ଓ ଗଞ୍ଜାମ ଜିଲ୍ଲା ମଧ୍ୟରେ ଖେଳା ଯାଇଥିଲା, ନବରଙ୍ଗପୁର ବାଳିକା ଦଳ ରୁ ରଶ୍ମିତା ଗଣ୍ଡ ୩ଟି, ପିଙ୍କି ଗଣ୍ଡ ୩ଟି ଓ ନାଇକା ବାଘା ୧ଟିଏ ଗୋଲ କରିଥିଲେ ଏଥି ସହ ନବରଙ୍ଗପୁର ୭-୦ ଗୋଲ କରି ବିଜୟୀ ହାସଲ କରିଥିଲେ। ଅତିଥି ଭାବେ ଯୋଗ ଦେଇଥିଲେ କେ. ଭି. ଜି. ରବି କୁମାର ରୋଟାରୀୟାନ ।

ମ୍ୟାଚ ପରିଚାଳନା କରିଥିଲେ ବନିତା ହେମରିକା, ରାହାନ୍ତି ସରକାର, ରେବତୀ ପୀଡିକ୍ଷିକା, ରୋହିଲା ଭର୍ତ୍ତା ଏବଂ ମ୍ୟାଚ କମିଶନର ସୁଜିତ କୁମାର ପାତ୍ର ଓ ମନୋଜ କୁମାର ନାୟକ। ଅନ୍ତଃ ୧୪ ବାଳକ ବର୍ଗ ରେ ପଞ୍ଚମ ଦିନ ସନ୍ଧ୍ୟା ର ପ୍ରଥମ ମ୍ୟାଚ ମାଲକାନଗିରି ଓ କୋରାପୁଟ ଦଳ ମଧ୍ୟରେ ଖେଳାଯାଇ ଥିଲା। ମାଲକାନଗିରି ବାଳକ ଦଳ ୨-୦ ଗୋଲ ରେ ବିଜୟ ହାସଲ କରିଛନ୍ତି। ମାଲକାନଗିରି ବାଳକ ଦଳ ରୁ ଦୀନବନ୍ଧୁ ବାସକି ସର୍ବାଧିକ ୨ ଟି ଗୋଲ କରି ଦଳ କୁ ବିଜୟ କରାଇଥିଲେ। ବାଳକ ବର୍ଗ ର ଦ୍ୱିତୀୟ ମ୍ୟାଚ ଗଞ୍ଜାମ ଓ ନବରଙ୍ଗପୁର ବାଳକ ଦଳ ମଧ୍ୟରେ ଖେଳା ଯାଇଥିଲା। ନବରଙ୍ଗପୁର ଦଳ ୫-୦ ଗୋଲ କରି ବିଜୟ ହାସଲ କରିଥିଲେ। ଆଜି ର ମ୍ୟାଚ ରେ ଅତିଥି ଭାବେ ଯୋଗ ଦେଇଥିଲେ ଶ୍ରୀ ଯଶପଲ ଉର୍ମା ଫୁଟବଲ ପ୍ରଶିକ୍ଷକ ।ଏଥି ସହ ଗଞ୍ଜାମ ଜିଲ୍ଲା ର ସଦସ୍ୟ ଶ୍ରୀ କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଡ଼ି. ଡ଼ି ଗନ୍ତାୟତ, ବିଜୟ କୁମାର ପଟନାୟକ, ଜି. ଏମ ବାବୁ, ସୀତାରାମ ବ୍ୱୋର୍ତା, ରାଜେନ୍ଦ୍ର ପ୍ରସାଦ ଗନ୍ତାୟତ, ଡ଼ି. ଆପ୍ପା ରାଓ, ଦୁର୍ଗା ପଟନାୟକ, ରାଜ ନାରାୟଣ ପାତ୍ର, ପ୍ରମୋଦ ମହାରଣା ଏବଂ ଜିଲ୍ଲା ର ବରିଷ୍ଠ ଫୁଟବଲ ଖେଳାଳି ମାନେ ମଧ୍ୟରେ ଉପସ୍ଥିତ ଥିଲେ। ଏହି ମ୍ୟାଚ ଗୁଡ଼ି କୁ ପରିଚାଳନା କରିଥିଲେ ଗରିବ ବେହେରା, ସମୀର ପ୍ରଧାନ, ବିଚିତ୍ର ଜେନା, ଖଗପତି ଖରା ଏବଂ ମ୍ୟାଚ କମିଶନର ସୁଜିତ କୁମାର ପାତ୍ର ଓ ମନୋଜ କୁମାର ନାୟକ ବୋଲି ଜେ. କାମେଶ୍ୱର ରାଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସମ୍ପାଦକ ସୂଚନା ଦେଇଛନ୍ତି।

# ବିଶ୍ୱ ପରିବେଶ ଦିବସ ପାଳନ




**ବ୍ରହ୍ମପୁର,୫।୬ :** ଆଇ ଏସ୍ ଆର୍ ଡି ଏବଂ ୟୁଥ୍ ଫର୍ ୱାଟର+ ର ମିଳିତ ଆନକୂଲ୍ୟରେ ଆଇଏସ୍‌ଆର୍‌ଡିର ନିର୍ଦ୍ଦେଶକ ଶ୍ରୀ ସୁଧୀର ସାବତ ଙ୍କ ଦ୍ୱାରା ବିଶ୍ୱ ପରିବେଶ ଦିବସ ପାଳନ କରିବା ପାଇଁ ଆହ୍ୱାନ କରାଯାଇଥିଲା । ଏହି ଅବସରରେ ସଖୀ, ୱାନ ଷ୍ଟପ ସେଣ୍ଟରର କର୍ମକର୍ତ୍ତା, ଶକ୍ତି ସଦନର କର୍ମକର୍ତ୍ତା ଓ ଖଲ୍ଲିକୋଟ କଲେଜ,ମହାମୟୀ କଲେଜ ଓ ସିଟି କଲେଜ ର ବିଦ୍ୟାର୍ଥି ମାନେ ଉପସ୍ଥିତ ରହି ସଫେଇ ଓ ବୃକ୍ଷରୋପଣ, ସଚେତନତା କାର୍ଯ୍ୟକ୍ରମ କରିଥିଲେ। 'ସ୍ୱଚ୍ଛ ଗଞ୍ଜାମ ଗଢ଼ିବାରେ ଆମେ ସମସ୍ତେ ଭାଗୀଦାର। ଆସନ୍ତୁ ସଙ୍କୋଚ ଛାଡ଼ି, ହାତରେ ଝାଡୁ ଧରି ନିଜ ଗାଁ ଓ ସହରକୁ ସ୍ୱଚ୍ଛ ଓ ସବୁଜ କରିବା ପାଇଁ ଶ୍ରମଦାନ କରିବା' ଗଞ୍ଜାମ ଜିଲ୍ଲାପାଳ ଙ୍କ ଏହି ବାର୍ତ୍ତା ରେ ପ୍ରେରିତ ହୋଇ ଆଇ ଏସ୍ ଆର୍ ଡି ଦ୍ୟାରା ଦୁଇ ଦିନିଆ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି ଏବଂ ଆସନ୍ତା ତା। ୦୬/୦୬/୨୦୨୬ ରିଖ ରେ ରମେୟାପାଟଣା ସମୁଦ୍ର ବେଳଭୂମି ସ୍ୱଚ୍ଛ କରିବା ପାଇଁ ଆୟୋଜନ କରାଯାଇଛି। ଅଳିଆ ଆବର୍ଜନାକୁ ଏଣେ ତେଣେ ନ ପକାଇ ମୁନସିପାଲଟି ର ଅଳିଆ ଆବର୍ଜନା ଉଠାଉଥିବା ଗାଡ଼ିର ବ୍ୟବାହାର କରିବା ନଚେତ୍ ଗାତ ଖୋଳି ଅଳିଆ ଆବର୍ଜନାକୁ ପୋତିବା କିମ୍ବା ନିଆଁ ଲଗାଇ ଜାଳିବା ଦ୍ୱାରା ପରିବେଶ ପ୍ରଦୂଷଣ କୁ ରୋକାଯାଇ ପାରିବ ବୋଲି ୱାନ୍ ଷ୍ଟପ ସେଣ୍ଟରର ଆଇନ ସହାୟିକା ସ୍ନେହମୟୀ ପାଢ଼ୀ ମତ ଦେଇ ଥିଲେ। ଏମ୍ କେ ସି ଜି ମେଡିକାଲ୍ କଲେଜ୍ କ୍ୟାମ୍ପସ ଭିତରେ ଏକ ରାଲି ସହିତ ମାନବ ଶୃଙ୍ଖଳା ମାଧ୍ୟମରେ ସାଧରଣ ଜନତାଙ୍କୁ ପରିବେଷ ସୁରକ୍ଷା ରଖି ସୁସ୍ଥ ପରିବେଷ ପାଇଁ ବୃକ୍ଷରୋପଣ କରିବା, ନୂତନ ଜଙ୍ଗଲ ସୃଷ୍ଟି କରିବା, ଜଳ ସଂରକ୍ଷଣ କରିବା ପଲିଥିନ୍ ପ୍ଲାଷ୍ଟିକ ବର୍ଜନ କରିବା ଓ ପରିବେଶ ପ୍ରଦୂଷଣ ରୋକିବା ଇତ୍ୟାଦି ପାଇଁ ସ୍ଲୋଗାନ ଜରିଆରେ ଆହ୍ୱାନ ଦିଆଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ଟି ୱାନ୍ ଷ୍ଟପ ସେଣ୍ଟର ର କେନ୍ଦ୍ର ପ୍ରଶାସିକା ଶ୍ରୀମତୀ ମହାଶ୍ୱେତା ପାଢ଼ୀ ଙ୍କ ତତ୍ତ୍ୱାବଧାନରେ ସୌଦାମିନି ସାହୁ ଆସ୍ମିଲା ରାଇକା, ଐଶ୍ୱର୍ଯ୍ୟା ସାବତ, ପାର୍ବତୀ ମଲ୍ଲିକ, ମଧୁସ୍ମିତା ମଲ୍ଲିକ, ପ୍ରଭାସିନୀ ପାଣିଗ୍ରାହୀ, ଗୋପାଳ ଦଳ ବେହେରା ଓ ବଜରଙ୍ଗ ନାୟକ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସଂସ୍କୃତ ଶିକ୍ଷକଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

**ଶେରଗଡ,୫।୬ :** ନିଷ୍ଠା ଓ ଆଗ୍ରହ ଥିଲେ ସବୁ କିଛି ସମ୍ଭବ। ଏହାର ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଛନ୍ତି ଶେରଗଡ ସଦର ସରକାରୀ ନୋଡାଲ ବାଳିକା ଉଚ୍ଚ ବିଦ୍ୟାଳୟର ଜଣାଶୁଣା ପରିବେଶ ପ୍ରେମୀ ତଥା କାର୍ଯ୍ୟରତ ସଂସ୍କୃତ ଶିକ୍ଷକ ବିଶ୍ୱଜିତ ଦାସ। ପେସାରେ ବିଶ୍ୱଜିତ ଜଣେ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ହୋଇଥିଲେ ବି ନିଶା ତାଙ୍କର ଚାରାରୋପଣ। ପରିବେଶ ସୁରକ୍ଷା ଲାଗି ରାତି ପାହିଲେ ଚାରାରୋପଣ ଚିନ୍ତା। ସାମ୍ପ୍ରତିକ ପରିସ୍ଥିତି ରେ ବୃଦ୍ଧି ପାଉଥିବା ଉତ୍ତାପ କୁ ନିୟନ୍ତ୍ରଣ କରିବା ଲାଗି ଗଛ ହିଁ ଏକମାତ୍ର ବିକଳ୍ପ, ଏହା ସମସ୍ତେ ଅବଗତ।




ପରିବେଶ ସୁରକ୍ଷା ଲାଗି ସରକାରୀ ଏବଂ ବେସରକାରୀ ସ୍ତରରେ ପ୍ରତିବର୍ଷ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି କିନ୍ତୁ ଅଧିକାଂଶ ସମୟରେ ରକ୍ଷଣାବେକ୍ଷଣ ଏବଂ ତଦାରଖ ଅଭାବ ରୁ ଗଛ ଗୁଡିକ ନଷ୍ଟ ହୋଇ ବୃକ୍ଷ ରେ ପରିଣତ ହୋଇ ପାରୁନାହାନ୍ତି। ପ୍ରକୃତିର ନିରବ ସାଧକ ତଥା ପ୍ରକୃତି ସେବକ,ବୃକ୍ଷ ପ୍ରେମୀ ଓ ପରିବେଶ ପ୍ରେମୀ ବିଶ୍ୱଜିତ ଦାସ ବିଗତ କିଛି ବର୍ଷ ହେଲା ଏକାକୀ ନିଜସ୍ୱ ଉଦ୍ୟମ ରେ ନିଜ ଶିକ୍ଷାନୁଷ୍ଠାନ ରୁ ଆରମ୍ଭ କରି ବିଭିନ୍ନ ଦେବାଳୟ ଏବଂ ରାସ୍ତା ପାର୍ଶ୍ୱରେ ବିଭିନ୍ନ କିସମର ଚାରାରୋପଣ କରିଥିବା ଦେଖିବାକୁ ମିଳିଛି। ତାଙ୍କର ଏହି ଉଲ୍ଲେଖନୀୟ ଅବଦାନ ଲାଗି ପ୍ରକୃତି ବନ୍ଧୁ-୨୦୨୬ ରୂପେ ତାଙ୍କୁ ସମ୍ମାନିତ କରାଯାଇଛି।

### ଆମେରିକାର ମେକ୍ସିକ ସହରରେ

# ସନାତନ ଧର୍ମର ପକ୍ଷ ରଖିଲେ ବିଷ୍ଣୁ ଗୋସ୍ୱାମୀ ମହାରାଜ !

**ବ୍ରହ୍ମପୁର,୫।୬ :** ବିଶ୍ୱ ର ପ୍ରତେକ ଧର୍ମ ଠାରୁ ସନାତନ ଧର୍ମ ଅତ୍ୟନ୍ତ ପ୍ରାଚୀନ ଏବଂ ଦୁର୍ଲଭ ଅଟେ। ସନାତନ ଧର୍ମ ଆମ ଭାରତ ର ଐତିହ୍ୟ ଏବଂ ପରମ୍ପରା କୁ ହିଁ ବୁଝାଇ ଥାଏ। ଏହି ଅବସରରେ ଆମେରିକା ର ମେକ୍ସିକ ସହର ରେ ଅନୁଷ୍ଠିତ ହୋଇ ଯାଇଛି 'ଜାତୀୟ ଶାନ୍ତି ସଂଳାପ 'କାର୍ଯ୍ୟକ୍ରମ। ବିଶ୍ୱ ର ବିଭିନ୍ନ ଧର୍ମ ର ଗୁରୁ ବା ମୁଖ୍ୟ ସେମାନଙ୍କ ଧର୍ମ ର ମତ ରଖା ଯାଇଥିଲା। ଆମେରିକା ରେ ଅବସ୍ଥିତ ମେକ୍ସିକ ସହର ର ଗୋଟିଏ ଅଗ୍ରଣୀ ଅନୁଷ୍ଠାନ ଥୀଙ୍କ ଟ୍ୟାଙ୍କ ସଂସ୍ଥା ଦ୍ୱାରା ଏହାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ଭକ୍ତି ବିଚାର ବିଷ୍ଣୁ ଗୋସ୍ୱାମୀ ମହାରାଜ। ସନାତନ ଧର୍ମ ବିଷୟରେ ବିଭିନ୍ନ ଶାସ୍ତ୍ରନୁମତ ଯୁକ୍ତି ଦ୍ୱାରା ଅତି ପ୍ରାଞ୍ଜଳ ଭାବେ ସନାତନ ଧର୍ମ କଣ ତାହା ଉପସ୍ଥିତ ଶ୍ରୋତା ମାନଙ୍କୁ ବୁଝାଇ ଥିଲେ। ଉକ୍ତ କାର୍ଯ୍ୟକ୍ରମ ର ଏକ ବିଶେଷ ଆକର୍ଷଣ ଥିଲା ଯେ,କାଥେଲିକ ଚର୍ଚ୍ଚ ପରିସରରେ ଉକ୍ତ ସମାବେଶ କୁ ଆୟୋଜନ



କରାଯାଇଥିଲା। ସେଠାରେ ବିଭିନ୍ନଧର୍ମୀୟ ପରମ୍ପରା ର ପ୍ରତିନିଧି ମାନେ ଜାତୀୟ ଶାନ୍ତି ସଂଳାପ କାର୍ଯ୍ୟକ୍ରମ ର ଅଂଶ ଭାବେ ପ୍ରତିନିଧିତ୍ୱ କରିଥିଲେ। ଏହି ପ୍ରୟାସ ର ଉଦ୍ଧେଶ୍ୟ ହେଉଛି ଦେଶ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ର ସମାଧାନ ପାଇଁ ଧାର୍ମିକ, ଶିକ୍ଷାବିତ ଓ ସାମାଜିକ ନେତୃତ୍ୱ ମାନଙ୍କ ମଧ୍ୟରେ ସହଯୋଗ ଓ ସଂଳାପକୁ ପ୍ରୋହୋଷିତ କରିବା। କେଉଁ ଆବାହନ କାଳ ରୁ ବୈଷ୍ଣବ ମାନେ ଉକ୍ତ କାର୍ଯ୍ୟକ୍ରମ ଗୁଡିକ ରେ ଉପସ୍ଥିତ ରହି ସନାତନ ଧର୍ମ ର ମୂଲ୍ୟବୋଧ ଉପରେ ନିଜର ଦୃଷ୍ଟିଭଙ୍ଗୀ ଉପସ୍ଥାପନା କରି ଆସୁଛନ୍ତି। ସ୍ୱାମୀ ବିବେକାନନ୍ଦ ଯେପରି ଆମେରିକା ରେ ନିଜର ତେଜସ୍ୱିନୀ ଯୁକ୍ତି ରଖି ସାରା ବିଶ୍ୱ କୁ ଚମକାଇ ଦେଇ ଥିଲେ ତାହାର ପ୍ରତିଫଳନ ଉକ୍ତ କାର୍ଯ୍ୟକ୍ରମ ରେ ଦେଖିବାକୁ ମିଳିଥିଲା। ପରମ୍ପରା ଅନୁସାରେ କାର୍ଯ୍ୟକ୍ରମର ଶେଷରେ ସମସ୍ତ ଅଂଶଗ୍ରହଣ କରିଥିବା ବିଶିଷ୍ଟ ଅତିଥି ମାନଙ୍କୁ ଶ୍ରୀକୃଷ୍ଣ ଙ୍କ ପ୍ରସାଦ ଅର୍ପଣ କରାଯାଇଥିଲା। ଉକ୍ତ ଶ୍ରୀକୃଷ୍ଣ ଭଗବାନ ଙ୍କ ପ୍ରସାଦ ବର୍ତ୍ତମାନ ଏହିପରି କାର୍ଯ୍ୟକ୍ରମ ମାନଙ୍କ ରେ ଏକ ବିଶେଷ ପରିଚୟ ହେବା ସହ ଅତିଥି ମାନଙ୍କ ମଧ୍ୟରେ ଏକ ସ୍ମରଣୀୟ ପ୍ରଭାବ ପକାଇ ଥାଏ। ଅନେକ ପ୍ରତିନିଧି ପ୍ରାୟତଃ ମତ ପ୍ରକାଶ କରିଛନ୍ତି ଯେ, ଶ୍ରୀକୃଷ୍ଣ ପ୍ରସାଦ କୁ ସର୍ବୋତ୍ତମ ଭୋଜନ ରୂପେ ମାନ୍ୟତା ପ୍ରଦାନ କରାଯାଉ। ପରମ ପୂଜ୍ୟ ଭକ୍ତି ବିଚାର ବିଷ୍ଣୁ ଗୋସ୍ୱାମୀ ମହାରାଜ ଏହି କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରି ଆଧ୍ୟାତ୍ମିକ ଜ୍ଞାନ ପ୍ରତି ବଢୁଥିବା ସନ୍ମମାନ, ଶାନ୍ତି, ପାରସ୍ପରିକ ବୁଝାବଣା ଓ ସହଯୋଗ ସ୍ଥାପନ ରେ ଧାର୍ମିକ ପରମ୍ପରା ମାନଙ୍କର ସକାରାତ୍ମକ ଭୂମିକାକୁ ସ୍ପଷ୍ଟ କରିଥାଏ। ପରିଶେଷରେ ହରେକୃଷ୍ଣ ମହାମନ୍ତ୍ର ଧ୍ୱନିରେ ସାରା ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା।

# ବିଶ୍ୱ ପରିବେଶ ଦିବସ ପାଳନ ଉପଲକ୍ଷେ ବୃକ୍ଷରୋପଣ



**ବ୍ରହ୍ମପୁର,୫।୬ :** ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ମାନ୍ୟବର ବ୍ରହ୍ମପୁର ବିଧାୟକ ଶ୍ରୀ କେ ଅନିଲ କୁମାର ଓ ଜିଲ୍ଲା ସଭାପତି ଶ୍ରୀ ସରୋଜ କୁମାର ସାବତ ଙ୍କ ନିର୍ଦ୍ଦେଶ କ୍ରମେ ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲା କୃଷକ ମୋର୍ଚ୍ଚା ତରଫରୁ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ ର ବିଭିନ୍ନ ମଣ୍ଡଳ ରେ ଜିଲ୍ଲା କୃଷକ ସଭାପତି ଶ୍ରୀ ସୂର୍ଯ୍ୟନାରୟଣ ଦାସ ଙ୍କ ନେତୃତ୍ୱ ରେ ଗସେଇନୂଆଗାଁ ମଣ୍ଡଳ,ପୁରୁଣା ବ୍ରହ୍ମପୁର ମଣ୍ଡଳ,ଗେଟ ବଜାର ମଣ୍ଡଳ,ଆସ୍କା ରୋଡ଼ ମଣ୍ଡଳ,କମାପଲ୍ଲୀ ମଣ୍ଡଳ ରେ ବୃକ୍ଷ ରୋପଣ କରାଯାଇଥିଲା ଉପସ୍ଥିତ ଥିଲେ ବିଧାୟକ ଙ୍କ ପ୍ରତିନିଧି ପ୍ରଦୀପ ନାୟକ,ଶିବ ପ୍ରସାଦ ଦାସ,ଗସେଇନୂଆଗାଁ ମଣ୍ଡଳ ସଭାପତି ବର୍ଷାବିଦୁସ୍ମିତା,ପୁରୁଣା ବ୍ରହ୍ମପୁର ମଣ୍ଡଳ ସଭାପତି ରିତା ସେଠି,ଗେଟ ବଜାର ମଣ୍ଡଳ ସଭାପତି ବିକ୍ରମ ଦାସ,ଶିବ ଯାଦବ,ବଦ୍ରି ନାୟକ, ସାମ୍ବାଦିକ ସୁରେଶ ଚନ୍ଦ୍ର ତ୍ରିପାଠୀ,ରବୀନ୍ଦ୍ର ମହାରଣା ଗସେଇନୂଆଗାଁ କୃଷକ ମଣ୍ଡଳ ସଭାପତି ,ପ୍ରମୋଦ ପାଢ଼ୀ,ଟୁକୁନା ନାୟକ,ରବୀନ୍ଦ୍ର ସାହୁ,ଦିୱାନ ସ୍ୱାମୀ,ବିନୋଦ ସିଂ,ପ୍ରଫୁଲ୍ଲ ଭୁଆଁ,ଦେବାଶିଷ ସାହୁ,ନାରାୟଣ ଚୌଧୁରୀ,ପ୍ରଶାନ୍ତ ସ୍ୱାଇଁ,ମୋହନ ସାହୁ,ଯୁବ ମୋର୍ଚ୍ଚା,ତ୍ରିପତି ବଡ଼ତ୍ୟା,ବାଲ୍ୟ ପାତ୍ର,ଶ୍ରୀଧର ବେହେରା,ଅଜିତ ସାହୁ,ଗଦାଧର ସାହୁ,ପ୍ରମିଳା କୁମାର ପଟ୍ଟନାୟକ,ରୋସିନି ପୃଷ୍ଟି,ସିଲ୍ଲା ଶିବ ପ୍ରସାଦ,ଏଲ ଗୋପି,ୱାଇ ଶିବା,ମୁନା ବେଗ୍ ଜିଲ୍ଲା ସଂଖ୍ୟାଲଘୁ ସଭାପତି,ଏସ ଫାୟାଜ,ଏସ କେ ସତାର,ଏମ ଡି ଖଲିଫ,ସାୟାଦ ନଫିକ,ସାୟାଦ ଆନିସ୍,ଅଶିକବେଗ୍ ,ବୁଡୁ ପାତ୍ର,କୃଷ୍ଣ ପାଢ଼ୀ,ଶଙ୍କର ଡାକୁଆ,ଶିଶିର କୁମାର ସାହୁ,କିରଣ କୁମାର ସାହୁ,କମାପଲ୍ଲୀ କୃଷକ ମଣ୍ଡଳ ସଭାପତି,ଙ୍କ ସମେତ ବ୍ରହ୍ମପୁର ର ଜନସାଧାରଣ ଓ ଅଂଚଳ ବାସୀ ବିଭିନ୍ନ ମଣ୍ଡଳ ରେ ୫୦ ରୁ ଉର୍ଦ୍ଧ ବୃକ୍ଷ ରୋପଣ କରିଥିଲେ ବ୍ରହ୍ମପୁର କୁ ସବୁଜ ସୁନ୍ଦର କରିବା ପାଇଁ ସଂକଳ୍ପ ନେଇଥିଲେ ।

# ଯୁବ ସମାଜସେବୀ ଆମନ ଚନ୍ଦ୍ର ନାୟକଙ୍କୁ 'ପ୍ରକୃତି ବନ୍ଧୁ' ପୁରସ୍କାର




**ଘୁ.ଉଦୟଗିରି,୫।୬ :** ବିଶ୍ୱ ପରିବେଶ ଦିବସ ଅବସରରେ କନ୍ଧମାଳ ଜିଲ୍ଲାର ଯୁବ ସମାଜସେବୀ ତଥା ପରିବେଶପ୍ରେମୀ ଆମନ ଚନ୍ଦ୍ର ନାୟକଙ୍କୁ ତାଙ୍କର ଉଲ୍ଲେଖନୀୟ ପରିବେଶ ସୁରକ୍ଷା ଓ ସାମାଜିକ ସେବା କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ସମ୍ମାନଜନକ 'ପ୍ରକୃତି ବନ୍ଧୁ' ପୁରସ୍କାର ପ୍ରଦାନ କରାଯାଇଛି। ଏହି ଗୌରବମୟ ସଫଳତା ପରେ ଘୁ.ଉଦୟଗିରି ଓ କଳିଙ୍ଗା ଅଞ୍ଚଳରେ ଖୁସିର ଲହର ଖେଳିଯାଇଛି। ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅନ୍ତର୍ଗତ ଜିଲ୍ଲା ପରିବେଶ ସମିତି, କନ୍ଧମାଳ ପକ୍ଷରୁ ଫୁଲବାଣୀ ସ୍ଥିତ ପଞ୍ଚାୟତ ଭବନ ସଭାଗୃହରେ ଆୟୋଜିତ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରେମେନ୍ଦ୍ର ପ୍ରସାଦ, ବନଖଣ୍ଡ ଅଧିକାରୀ ଘନଶ୍ୟାମ ମହନ୍ତ, ଆଇଏଏସ୍ (ପ୍ରୋବେସନର) ଯଶକରଣ ସିଂ, ଏସିଏଫ୍ ସ୍ୱେତଲିନା ସାହୁ ଓ ଉଦିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏସିଏଫ୍ ସ୍ୱେତଲିନା ସାହୁଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଚୟନିତ ୮ ଜଣ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସେଥିମଧ୍ୟରୁ ଘୁ.ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ଗ୍ରାମର ଆମନ ଚନ୍ଦ୍ର ନାୟକଙ୍କୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରେମେନ୍ଦ୍ର ପ୍ରସାଦ ଓ ଅନ୍ୟାନ୍ୟ ଅତିଥିମାନେ ମାନପତ୍ର, ପୁଷ୍ପଗୁଚ୍ଛ ଓ ପୁରସ୍କାର ରାଶି ପ୍ରଦାନ କରି ସମ୍ମାନିତ କରିଥିଲେ।

# କାର୍ଯ୍ୟରତ ବିଦ୍ୟୁତ କର୍ମଚାରୀ ବିଦ୍ୟାଧର ଭତରା ଅକାଳ ବିୟୋଗରେ ଶୋକସଭା



**କୋଟପାଡ,୫।୬ :** ଆଜି କୋଟପାଡ଼ ବିଦ୍ୟୁତ କାର୍ଯ୍ୟାଳୟ ଠାରେ କାର୍ଯ୍ୟରତ ବିଦ୍ୟୁତ କର୍ମଚାରୀ ବିଦ୍ୟାଧର ଭତରାଙ୍କ ଅକାଳ ବିୟୋଗରେ ଶୋକସଭା କରାଯାଇଥିଲା,ସୂଚନା ଥାଉକି ବିଦ୍ୟାଧର ଭତରା ଜଣେ ମିଠା ମିଳାପି ଓ ଜଣେ ସୁଦକ୍ଷ କର୍ମଚାରୀ ଥିଲେ,ତାଙ୍କର ମୃତ୍ୟୁରେ କୋଟପାଡ଼ ଅଞ୍ଚଳରେ ସକରଛାୟା ଖେଳିଯାଇଛି, ଆଜି ଶୋକସଭା ସମୟରେ କୋଟପାଡ଼ ସହିତ ବୋରିଗୁମ୍ମା ଅଞ୍ଚଳର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ରହି ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ସହିତ ତାଙ୍କର ଅମର ଆତ୍ମାର ସଦଗତି ପାଇଁ ପ୍ରଭୁ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରିଥିଲେ ଓ ପ୍ରଭୁ ଜଗନ୍ନାଥ ବିଦ୍ୟାଧରଙ୍କ ପରିବାରଙ୍କୁ ଧୋର୍ଯ୍ୟ ଓ ସାହସ ଦିଅନ୍ତୁ ବୋଲି ଭଗବାନ ନିକଟରେ ପ୍ରାର୍ଥନା କରିଥିଲେ।

# ପରିବେଶ ସୁରକ୍ଷା ଓ ସୁସ୍ଥ ଜୀବନର ବାର୍ତ୍ତା ନେଇ 'ମାସ୍'ର ସାଇକେଲ ମାରାଥନ



**ବାଲେଶ୍ୱର,୫।୬ :** ମାନବ ଅଧିକାର ସୁରକ୍ଷା ସଂସଦ (ମାସ୍) ପକ୍ଷରୁ ପରିବେଶ ସୁରକ୍ଷା ଏବଂ ସୁସ୍ଥ ଜୀବନଶୈଳୀର ବାର୍ତ୍ତା ନେଇ ଶୁକ୍ରବାର ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରୁ ଏକ ସାଇକେଲ ମାରାଥନର ଶୁଭାରମ୍ଭ କରାଯାଇଥିଲା। ଏହି ରାଲି ସହରର ବିଭିନ୍ନ ପ୍ରମୁଖ ଛକ ଓ ରାସ୍ତା ପରିକ୍ରମା କରି ସାଧାରଣ ଲୋକଙ୍କ ମଧ୍ୟରେ ପରିବେଶ ସଚେତନତାର ବାର୍ତ୍ତା ପହଞ୍ଚାଇଥିଲା।ଏହି ଅବସରରେ ସଂସଦର ସଦସ୍ୟମାନେ ସାଇକେଲ ଚାଳନାର ଉପକାରିତା ସମ୍ପର୍କରେ ସହରବାସୀଙ୍କୁ ଅବଗତ କରାଇବା ସହ ଦୈନନ୍ଦିନ ଜୀବନରେ ସାଇକେଲକୁ ଅଧିକ ବ୍ୟବହାର କରିବାକୁ ଆହ୍ୱାନ ଜଣାଇଥିଲେ। ଦେଶରେ ଦିନକୁ ଦିନ ବୃଦ୍ଧି ପାଉଥିବା ଇନ୍ଧନ ମୂଲ୍ୟ ଏବଂ ଜୀବନଶୈଳୀ ଜନିତ ବିଭିନ୍ନ ଶାରୀରିକ ସମସ୍ୟାରୁ ମୁକ୍ତି ପାଇବାରେ ସାଇକେଲ ଏକ ପ୍ରଭାବଶାଳୀ ଓ ପରିବେଶ ଅନୁକୂଳ ମାଧ୍ୟମ ବୋଲି ସେମାନେ ମତ ପ୍ରକାଶ କରିଥିଲେ।କେବଳ ସାଇକେଲ ଚାଳନାର ପ୍ରଚାର ନୁହେଁ, ପରିବେଶକୁ ପ୍ଲାଷ୍ଟିକ ମୁକ୍ତ କରିବା ଲକ୍ଷ୍ୟରେ ମଧ୍ୟ ଏହି ଅଭିଯାନରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। "Say No To Plastic" ସ୍ଲୋଗାନ ଦେଇ ସଂସଦ ପକ୍ଷରୁ ସାଧାରଣ ଲୋକଙ୍କ ମଧ୍ୟରେ କପଡ଼ାରେ ପ୍ରସ୍ତୁତ ପରିବେଶ ବନ୍ଧୁ ବ୍ୟାଗ୍ ବଣ୍ଟନ କରାଯାଇଥିଲା। ପଲିଥିନ୍ ବ୍ୟବହାର ପରିବର୍ତ୍ତେ କପଡ଼ା ବ୍ୟାଗ୍ ବ୍ୟବହାର କରି ପରିବେଶ ସୁରକ୍ଷାରେ ସହଯୋଗ କରିବାକୁ 'ମାସ୍' ପକ୍ଷରୁ ସହରବାସୀଙ୍କୁ ନିବେଦନ କରାଯାଇଥିଲା।ଏହି ସାଇକେଲ ମାରାଥନରେ ସଂସଦର ବହୁ ସଦସ୍ୟ ଓ ସମାଜସେବୀ ଯୋଗଦେଇ ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ସଚେତନତା ଏବଂ ପ୍ଲାଷ୍ଟିକ ବର୍ଜନର ବାର୍ତ୍ତା ପ୍ରଚାର କରିଥିଲେ।

## ସଦରରୁ ସଚିବାଳୟ ପର୍ଯ୍ୟନ୍ତ ପ୍ରକାଶଙ୍କ ବଢ଼ୁଛି ପ୍ରଭାବ

# ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇବାକୁ ଜୋରଦାର ହେଉଛି ଦାବି

- କଟକର ଗୋଟିଏ ସ୍ୱର – ମନ୍ତ୍ରୀ ହୁଅନ୍ତୁ ପ୍ରକାଶ ସେଠୀ
- ଯୁବ ନେତୃତ୍ୱ, ଜନଆଧାର ଓ ବିଜୟର ପୁରସ୍କାର ଦେବ କି ଦଳ ?



**ଫୁଲନଖରା,୫।୬ :** ରାଜ୍ୟରେ ବିଜେପି ସରକାର ଦୁଇ ବର୍ଷର ସଫଳ ଶାସନ ପୂର୍ତ୍ତି ଉତ୍ସବ ପାଳନ କରିବାକୁ ଯାଉଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ବିଶେଷକରି ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଯେଉଁ ଜିଲ୍ଲାଗୁଡ଼ିକ ଏପର୍ଯ୍ୟନ୍ତ ମନ୍ତ୍ରୀମଣ୍ଡଳରେ ପ୍ରତିନିଧିତ୍ୱ ପାଇନାହାନ୍ତି, ସେମାନଙ୍କୁ ସୁଯୋଗ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ରାଜନୀତିର ଅନ୍ୟତମ ପ୍ରମୁଖ ଜିଲ୍ଲା କଟକ ପାଇଁ ମନ୍ତ୍ରୀପଦ ଦାବି ଦିନକୁ ଦିନ ଜୋରଦାର ହେଉଛି। କଟକ ଜିଲ୍ଲା ଐତିହାସିକ, ରାଜନୈତିକ ଓ ସଂଗଠନଗତ ଦୃଷ୍ଟିକୋଣରୁ ସଦା ରାଜ୍ୟ ରାଜନୀତିର କେନ୍ଦ୍ରବିନ୍ଦୁ ରହି ଆସିଛି। ନୂତନ ରାଜନୈତିକ ସମୀକରଣ ମଧ୍ୟରେ ଜିଲ୍ଲାଟି ବିଜେପି ପାଇଁ ଏକ ଦୃଢ଼ ଗଡ଼ରେ ପରିଣତ ହେଉଥିବା ଚିତ୍ର ସ୍ପଷ୍ଟ ହେଉଛି। ନିକଟରେ ହୋଇଥିବା ରାଜ୍ୟସଭା ନିର୍ବାଚନରେ ବିଜେପି ସମର୍ଥିତ ପ୍ରାର୍ଥୀଙ୍କ ସପକ୍ଷରେ କଟକ ଜିଲ୍ଲାରୁ ଭିନ୍ନ ଦଳର ବିଧାୟକମାନଙ୍କ ସମର୍ଥନ ମିଳିବା ଏହାର ଏକ ଉଜ୍ଜ୍ୱଳ ଉଦାହରଣ। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ, କଟକ ଜିଲ୍ଲାର ୯ଟି ବିଧାନସଭା ଆସନ ମଧ୍ୟରୁ ବର୍ତ୍ତମାନ ଅଧିକାଂଶ ଆସନ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ବିଜେପି ପ୍ରତି ଅନୁକୂଳ ରହିଛି। କଟକ ସଦର ଓ ନିଆଳିରେ ବିଜେପି ବିଜୟୀ ହୋଇଥିବା ବେଳେ ବଡ଼ମ୍ବା ଓ ମାହାଙ୍ଗାର ସ୍ୱାଧୀନ ବିଧାୟକମାନେ ମଧ୍ୟ ବିଜେପି ସହ ସମନ୍ୱୟ ରଖି ଚାଲିଛନ୍ତି। ବାଙ୍କୀ ଓ ଚୌଦ୍ୱାର-କଟକ ଆସନର ରାଜନୈତିକ ପରିବର୍ତ୍ତନ ମଧ୍ୟ ବିଜେପି ପାଇଁ ସକାରାତ୍ମକ ବୋଲି ମନେ କରାଯାଉଛି। ଏହି ପରିସ୍ଥିତିରେ କଟକ ଜିଲ୍ଲାକୁ ମନ୍ତ୍ରୀପଦ ମିଳିବା ଉଚିତ ବୋଲି ଦଳୀୟ କର୍ମୀ, ସମର୍ଥକ ଓ ସାଧାରଣ ଜନତାଙ୍କ ମଧ୍ୟରେ ଦାବି ଦିନକୁ ଦିନ ଜୋର ଧରୁଛି। ଆଉ ସେହି ଦାବିଦାରମାନଙ୍କ ମଧ୍ୟରେ ସବୁଠାରୁ ଆଗରେ ରହିଛନ୍ତି କଟକ ସଦରର ଯୁବ ବିଧାୟକ ତଥା ଇଞ୍ଜିନିୟର ପ୍ରକାଶ ଚନ୍ଦ୍ର ସେଠୀ। ପ୍ରକାଶ ସେଠୀଙ୍କ ରାଜନୈତିକ ସଫଳତା କେବଳ ଏକ ସାଧାରଣ ନିର୍ବାଚନୀ ବିଜୟ ନୁହେଁ। ଦୀର୍ଘ ବର୍ଷ ଧରି ବିଜେଡିର ଦୁର୍ଗ ଭାବେ ପରିଚିତ କଟକ ସଦର ଆସନରେ ସେ ବିଜେପିର ବିଜୟ ପତାକା ଉଡ଼ାଇଥିଲେ। ପୂର୍ବତନ ମନ୍ତ୍ରୀ ଓ ପ୍ରଭାବଶାଳୀ ନେତା ଚନ୍ଦ୍ରସାରଥି ବେହେରାଙ୍କୁ ପରାସ୍ତ କରି ସେ ନିଜର ରାଜନୈତିକ ଦକ୍ଷତା, ସଂଗଠନ କ୍ଷମତା ଓ ଜନଆଧାରର ପ୍ରମାଣ ଦେଇଥିଲେ। ଯେଉଁ ନେତାଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଇଥର ମନ୍ତ୍ରୀମଣ୍ଡଳରେ ସ୍ଥାନ ଦେଇଥିଲେ, ସେହି ନେତାଙ୍କୁ ହରାଇ ନୂତନ ଇତିହାସ ସୃଷ୍ଟି କରିଥିଲେ ପ୍ରକାଶ ସେଠୀ। ଯୁବପିଢ଼ିର ପ୍ରତିନିଧି ଭାବେ ପ୍ରକାଶ ସେଠୀ ନିଜକୁ ଏକ ସକ୍ରିୟ, ଦୂରଦର୍ଶୀ ଓ ବିକାଶମୁଖୀ ନେତା ଭାବେ ପ୍ରତିଷ୍ଠିତ କରିଛନ୍ତି। ନିର୍ବାଚିତ ହେବା ପରଠାରୁ ସେ ନିଜ ନିର୍ବାଚନମଣ୍ଡଳୀରେ ଜନସମସ୍ୟାର ସମାଧାନ, ଭିତ୍ତିଭୂମି ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଯୁବ ସଶକ୍ତିକରଣ କ୍ଷେତ୍ରରେ ନିରନ୍ତର ସକ୍ରିୟ ରହିଛନ୍ତି। ତାଙ୍କ ସରଳ ବ୍ୟବହାର, ସଂଗଠନ ସହ ନିକଟ ସମ୍ପର୍କ ଏବଂ ଲୋକଙ୍କ ସହ ସିଧାସଳଖ ଯୋଗାଯୋଗ ତାଙ୍କୁ ଜନପ୍ରିୟ କରିଛି। ରାଜନୈତିକ ମହଲରେ ଏହା ମଧ୍ୟ ଚର୍ଚ୍ଚା ହେଉଛି ଯେ, ନିଆଳି ବିଧାୟକ ଛବି ମଲ୍ଲିକଙ୍କୁ ଜିଲ୍ଲା ଯୋଜନା ବୋର୍ଡର ସଭାପତି ଦାୟିତ୍ୱ ମିଳିଥିବାରୁ ମନ୍ତ୍ରୀପଦ ପାଇଁ କଟକ ଜିଲ୍ଲାରୁ ପ୍ରକାଶ ସେଠୀଙ୍କ ଦାବି ଅଧିକ ଶକ୍ତିଶାଳୀ ହୋଇଛି। ତାଙ୍କ ବିଜୟ, ଯୁବ ନେତୃତ୍ୱ, ସଂଗଠନ ପ୍ରତି ଅବଦାନ ଓ କଟକ ଜିଲ୍ଲାରେ ବିଜେପିର ବୃଦ୍ଧିଶୀଳ ପ୍ରଭାବକୁ ବିଚାର କଲେ ସେ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇବାର ସମସ୍ତ ଯୋଗ୍ୟତା ରଖୁଥିବା ବୋଲି ସମର୍ଥକମାନେ ମତ ପ୍ରକାଶ କରୁଛନ୍ତି। କଟକ ଭଳି ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାକୁ ମନ୍ତ୍ରୀମଣ୍ଡଳରେ ପ୍ରତିନିଧିତ୍ୱ ଦେବା ସହ ଏକ ଯୁବ, ଶିକ୍ଷିତ ଓ ସଫଳ ନେତାଙ୍କୁ ଦାୟିତ୍ୱ ଦିଆଗଲେ ତାହା ଦଳ ଏବଂ ସରକାର ଉଭୟଙ୍କ ପାଇଁ ଲାଭଦାୟକ ହେବ ବୋଲି ମତ ପ୍ରକାଶ ପାଉଛି। ସେହି ଦୃଷ୍ଟିରୁ ଇଞ୍ଜିନିୟର ପ୍ରକାଶ ଚନ୍ଦ୍ର ସେଠୀ ବର୍ତ୍ତମାନ କଟକ ଜିଲ୍ଲାରୁ ମନ୍ତ୍ରୀପଦ ପାଇଁ ସବୁଠାରୁ ଚର୍ଚ୍ଚିତ ଏବଂ ଶକ୍ତିଶାଳୀ ଦାବିଦାର ଭାବେ ଉଭା ହୋଇଛନ୍ତି। ଏବେ ଦେଖିବାକୁ ବାକି ରହିଲା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଗାମୀ ମନ୍ତ୍ରୀମଣ୍ଡଳ ସଂପ୍ରସାରଣରେ କଟକ ଜିଲ୍ଲାକୁ ପ୍ରତିନିଧିତ୍ୱ ମିଳୁଛି କି ନାହିଁ ଏବଂ ସେହି ପ୍ରତିନିଧିତ୍ୱର ମୁହଁ ଭାବେ ପ୍ରକାଶ ଚନ୍ଦ୍ର ସେଠୀଙ୍କ ନାମ ଘୋଷଣା ହେଉଛି କି ନାହିଁ।

# ବସ୍ତା ନୂତନ ଏସ ଡିପିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ବସ୍ତା,୫।୬ :** ନୂତନ ଭାବେ ଯୋଗ ଦାନ କରିଥିବା ଏସଡିପିଓ ସମର୍ଥ କୁମାର ବେହେରାଙ୍କୁ ବସ୍ତା ପ୍ରେସ କ୍ଲବ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା .ପ୍ରେସକ୍ଲବ ପକ୍ଷରୁ ଦିଆଯାଇଛି । ଏହିକାର୍ଯ୍ୟକ୍ରମରେ ପ୍ରେସକ୍ଲବ ର ସଭାପତି ବିଜୟକୁମାର ଭୂୟାଁ ବିଶିଷ୍ଟ ସମାଜସେବୀ ବିଜେପି ସକ୍ରିୟ ସଦସ୍ୟ ବାବୁପାଣି ସାମ୍ବାଦିକ ଶିରିସ ଚନ୍ଦ୍ର ମହାନ୍ତି.ସନ୍ତୋଷ କୁମାର ନାୟକ ଚାନସିଲର ରାଉତ , ସେକ ଆଜାର ରୁ ଦ୍ଦିନ ରବିନାରାୟଣ ସାହୁ ଉପସ୍ଥିତ ରହି ସୌଜନ୍ୟ ମୁଳକ ସାକ୍ଷାତ କରି ବସ୍ତା ଅଞ୍ଚଳ ର ଆଇନଶୃଙ୍ଖଳା ସାଧାରଣ ଲୋକେ ସୁଚାରୁ ରୂପେ କିପରି ନ୍ୟାୟ ପାଇପାରିବେ ଏହି ବିଷୟରେ ଆଲୋଚନା କରିଥିଲେ ।

## ଉପସଭାପତି ଓ ସାଧାରଣ ସମ୍ପାଦକଙ୍କ ରାଜ୍ୟ ହାଇ କମାଣ୍ଡ ଦ୍ୱାରା

# ନୀଲମ୍ବନ ଆଦେଶ ପ୍ରତିବାଦରେ ସମସ୍ତ ବିଜେଡି କର୍ମୀଙ୍କ ଇସ୍ତଫା

**ବାଲିଗୁଡ଼ା,୫।୬ :** ଗତ ତିନି ତାରିଖରେ ରାଜ୍ୟ ବିଜେଡି ହାଇ କମାଣ୍ଡ ବାଲିଗୁଡ଼ାର ଦୁଇ ନେତା ଟୁନା ଦାସ (ଉପସଭାପତି ) ଓ ପ୍ରମୋଦ ସାହୁ ସାଧାରଣ ସମ୍ପାଦକ ) ଙ୍କୁ ଡାଳବିରୋଧୀ କାର୍ଯ୍ୟ ଯୋଗୁଁ ନିଲମ୍ବନ କରିଥିଲେ ! ରାଜ୍ୟ ସମ୍ପାଦକ ବିଜୟ ନାୟକ ସଭାପତି ନବୀନ ପଟ୍ଟନାୟକ ଙ୍କ ନିର୍ଦ୍ଦେଶ କ୍ରମେ ବାଲିଗୁଡା ଦୁଇ ନେତାଙ୍କୁ ନୀଲମ୍ବନ ଆଦେଶ ଚିଠି ଜାରି କରିଥିଲେ ! ତାର ପ୍ରତିବାଦରେ ଆଜି ଉପସଭାପତି ଟୁନା ଦାସ, ସମ୍ପାଦକ ପ୍ରମୋଦ ସାହୁ, ଏନଏସି ଅଧକ୍ଷ ଗୋବିନ୍ଦ ପ୍ରଧାନ, ବାଲିଗୁଡା ସମିତି ଅଧକ୍ଷ, କୋଟଗଡ଼ ସମିତି ଅଧକ୍ଷ, କ. ନୂଆଗାଁ, ଓ ତୁମୁଡିବନ୍ଧ ସମିତି ଅଧକ୍ଷ ପ୍ରାଥମିକ ସଦସ୍ୟତା ( ବିଜେଡି ଦଳରୁ ) ଇସ୍ତଫା ଦେଇଥିବା ଜଣାପଡିଛି ! ବାଲିଗୁଡ଼ାର ଶତାଧିକ କର୍ମୀ ମାନେ ମଧ୍ୟ ସାମୁହିକ ଇସ୍ତଫା ଦେଇଥିବା ନେଇ ନିଲମ୍ବିତ ନେତା ମାନେ ପ୍ରକାଶ କରିଛନ୍ତି।

## ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧରେ ୬ ଜଣଙ୍କ ମୃତ୍ୟୁ ଘଟଣା

# ଶୋକସନ୍ତପ୍ତ ପରିବାରକୁ ଭେଟିଲେ ବିଧାୟିକା

- ୨୫ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା



**ଭବାନୀପାଟଣା,୫।୬ :** ଗତ ମେ ୨୬ ତାରିଖରେ ମ.ରାମପୁର ନିକଟସ୍ଥ ଗୌଡ଼ କରଲାଖୁଣ୍ଟା ଗାଁରେ ଘଟିଥିବା ହୃଦୟବିଦାରକ ଦୁର୍ଘଟଣାରେ ନିର୍ମାଣାଧୀନ ପାଇଖାନା ଟାଙ୍କିର ସେଣ୍ଟ୍ରିଂ ଖୋଲିବାକୁ ଯାଇ ଶ୍ୱାସରୁଦ୍ଧ ହୋଇ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଗୋଟିଏ ପରିବାରର ବାପା-ପୁଅ ଏବଂ ଶଳା-ଭିଣୋଇ ପ୍ରାଣ ହରାଇଥିବା ବେଳେ ଆଉ ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ହାତୀଖୋଜ ଗାଁର ପଙ୍କଜ ଯାନି ବର୍ତ୍ତମାନ ଚିକିତ୍ସାଧୀନ ରହିଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଏହି ଦୁଃଖଦ ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଘଟଣାର ଏକାଦଶାହ ଅବସରରେ ନର୍ଲା ବିଧାୟିକା ମନୋରମା ମହାନ୍ତି ମୃତକଙ୍କ ପରିବାରବର୍ଗ ଏବଂ ଆହତଙ୍କ ଘରକୁ ଯାଇ ସାକ୍ଷାତ କରି ଗଭୀର ସମବେଦନା ଜଣାଇଥିଲେ। ଏହି ଅବସରରେ ସେ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୨୫ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିଥିଲେ। ଏହା ସହ ଦୁର୍ଘଟଣାରେ ପିତାମାତାଙ୍କୁ ହରାଇଥିବା ଅସହାୟ ପୁଅ ଓ ଝିଅମାନଙ୍କ ଉଚ୍ଚଶିକ୍ଷା ପାଇଁ ସମ୍ଭବ ସମସ୍ତ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଧାୟିକାଙ୍କ ସହ ଏହି ସମବେଦନା କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ ବ୍ଲକ ସଭାପତି ସତ୍ୟନାରାୟଣ ସାହୁ, ବିଜୁ ମହିଳା ଜନତା ଦଳ ବ୍ଲକ ସଭାନେତ୍ରୀ ତୁଳସୀ ବିଶି, ରାଜ୍ୟ ସରପଞ୍ଚ ସଂଘ ସଭାପତି ରୋମାଞ୍ଚ ସାହୁ, ବିଜେଡି ଜିଲ୍ଲା ସମ୍ପାଦକ ରଜନୀକାନ୍ତ ମହାଖୁଡ଼, ଯୁବ ନେତା ପ୍ରଦୀପ ପାଣିଗ୍ରାହୀ, ଶୈଳେଶ ବିଶି, ସାମ୍ବାଦିକ ଅଭିରାମ ନନ୍ଦ, ଲକ୍ଷଣ ସ୍ୱାଇଁ ଓ ଶୁଭେନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଦୁଃଖର ଏହି ମୁହୂର୍ତ୍ତରେ ବିଧାୟିକାଙ୍କ ଏଭଳି ମାନବିକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

# ବିଶ୍ୱ ପରିବେଶ ଦିବସ



**ବସ୍ତା,୫।୬ :** ଚାନସେଲର ରାଉତ ପ୍ରତିବର୍ଷ ଜୁନ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଏ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମଗ୍ର ବିଶ୍ୱରେ ପ୍ରଦୂଷଣ ହ୍ରାସ କରିବା,ପ୍ରକୃତି ସୁରକ୍ଷା କରିବା ଏବଂ ସାଧାରଣ ଲୋକଙ୍କୁ ପରିବେଶ ସଚେତନତା ବାର୍ତ୍ତା ପ୍ରଦାନ କରିବା। ଏହି ଅବସରରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଏବଂ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ କରିବା।ଏହି ପରିପେକ୍ଷୀରେ ଏକ ସୁନ୍ଦର ଦୃଶ୍ୟ ଦେଖିବାକୁ ମିଳିଛି।ଜଣେ ଶିକ୍ଷକ ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଛନ୍ତି ବିଭିନ୍ନ ସ୍ଥାନ ରେ ଏବଂ ରାସ୍ତା ଘାଟରେ ଯାଉଥିବା ଅନେକ ଲୋକଙ୍କୁ ବିଭିନ୍ନ ପ୍ରକାର ଚାରା ଗଛ ମାଗଣା ବଣ୍ଟନ କରୁଛନ୍ତି।କେବଳ ସେତିକି ନୁହେଁ କେତେକ ସ୍କୁଲ ତଥା କେତେକ ଘରକୁ ଯାଇ ଚାରା ପ୍ରଦାନ କରିବା ସହିତ ବୃକ୍ଷ ବିଷୟରେ ସଚେତନତା ସୃଷ୍ଟି କରୁଛନ୍ତି। ଆମେ କହୁଛୁ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ସନ୍ତୋଷପୁର ଗ୍ରାମ ପଞ୍ଚାୟତର ଥେଙ୍ଗଡିହା ଗ୍ରାମ ତଥା ଭେଲୋରା ସିଆରସିସି ତଥା ଆଦର୍ଶ ଶିକ୍ଷକ,ପରିବେଶବିତ ଗଣେଶ ଚନ୍ଦ୍ର ଜେନାଙ୍କ କଥା ବର୍ଣ୍ଣବୋଧ ପାଠଶାଳା ଗଢି ଯେ ସାରା ଓଡ଼ିଶାରେ ଚର୍ଚ୍ଚାକୁ ଆସିଥିଲେ।ଗଣେଶ ବିଭିନ୍ନ କ୍ଷେତ୍ରରେ ସଚେତନମୂଳକ କାର୍ଯ୍ୟ ତାଙ୍କୁ ନୂଆ ପରିଚୟ ଦେଇଥାଏ।ଆସନ୍ତୁ ଆଜିର ଏହି ଶୁଭ ଦିନରେ ଅତିକମ ଗୋଟିଏ ଲେଖାଏଁ ଗଛ ଲଗାଇବା ଏବଂ ପରିବେଶକୁ ସ୍ୱଚ୍ଛ ଓ ସୁସ୍ଥ ରଖିବା ପାଇଁ ଶପଥ ନେବା। ଶିକ୍ଷକଙ୍କ ଏପରି କାର୍ଯ୍ୟ ସମାଜ ପାଇଁ ପ୍ରେରଣା ଦାୟକ ନିଶ୍ଚିତ।

## ରାହାମା ପ୍ରିମିୟର ଲିଗ୍ ସିଜନ-୪ର ଶୁଭାରମ୍ଭ

# ଉଦ୍‌ଘାଟନୀ ମ୍ୟାଚ୍‌ରେ ସାମ୍ବାଦିକ ସଂଘର ବିଜୟ



**ଜଗତସିଂହପୁର,୫।୬ :** ଜଗତସିଂହପୁର ଜିଲ୍ଲାର ରାହାମା କଲେଜ ପଡ଼ିଆରେ ବୁଧବାର ରାତିରେ ରାହାମା କ୍ଲବ ଆନୁକୂଲ୍ୟରେ "ରାହାମା ପ୍ରିମିୟର ଲିଗ୍ (ଜଚଖ) ସିଜନ-୪" ନାଇଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆକର୍ଷଣୀୟ ଶୁଭାରମ୍ଭ ହୋଇଯାଇଛି। ତିନିଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚ୍ ଏକ ବନ୍ଧୁତ୍ୱପୂର୍ଣ୍ଣ ମୁକାବିଲା ଭାବେ ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ଜଗତସିଂହପୁର ଓ ରାହାମା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରୋମାଞ୍ଚକର ଏହି ମ୍ୟାଚରେ ଓଡ଼ିଶା ସାମ୍ବାଦିକ ସଂଘ ଚମତ୍କାର ପ୍ରଦର୍ଶନ କରି ୧୦୩ ରନର ବିଶାଳ ବ୍ୟବଧାନରେ ବିଜୟ ହାସଲ କରିଥିଲା। ଦଳର ଅଧିନାୟକ ଡଃ ମାନସ କୁମାର ମହାନ୍ତିଙ୍କ ନେତୃତ୍ୱରେ ଶ୍ରୀକାନ୍ତ ଦାସ, ସୁଶାନ୍ତ ମଲ୍ଲିକ, ଦୁର୍ଯ୍ୟୋଧନ ମହାରଣା, ପବିତ୍ର ଦାସ, ବିବେକାନନ୍ଦ ମହାନ୍ତି, ଗିରିଜା ପ୍ରସାଦ ମହାନ୍ତି ଓ ନୃସିଂହ ଚରଣ ବାରିକ ପ୍ରମୁଖ ଖେଳାଳି ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ଦଳର ସମ୍ପାଦକ ତଥା ଟିମ୍ ମ୍ୟାନେଜର ଡଃ ସୁନାକର ବେହେରା ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଦ୍ଧାର୍ଥ ଟିଭିର ସତ୍ତ୍ୱାଧିକାରୀ ସିଦ୍ଧାର୍ଥ ଅଗ୍ରୱାଲ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଖେଳ ମାଧ୍ୟମରେ ଯୁବପିଢ଼ିଙ୍କ ମଧ୍ୟରେ ଶୃଙ୍ଖଳା ଓ ଭ୍ରାତୃତ୍ୱବୋଧ ବୃଦ୍ଧି ପାଉଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ଗୀତିକାର ଅରୁଣ ମନ୍ତ୍ରୀ, ମୈତ୍ରୀ ଫିଲିଂ ଷ୍ଟେସନର ସତ୍ତ୍ୱାଧିକାରୀ ସନ୍ତୋଷ କୁମାର ସାହୁ, ବଜାର କମିଟି ରାହାମାର ସଭାପତି ଶିଶିର କୁମାର ଦାସ, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ବିବେକ ରଞ୍ଜନ ମହାନ୍ତି, ସ୍ମୃତିଶେଖର ଜେନା ଓ ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାହାମା ପ୍ରିମିୟର ଲିଗ୍ ?ର ସଭାପତି କମଳାକାନ୍ତ ବରାଳ ଓ ଅଧ୍ୟକ୍ଷ ପ୍ରଜ୍ଞାନନ୍ଦ ଦାସଙ୍କ ନେତୃତ୍ୱରେ ଆୟୋଜକ କମିଟିର ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସକ୍ରିୟ ଭୂମିକା ନିଭାଉଛନ୍ତି। ମନୋରଞ୍ଜନ ସାହୁ ଓ ଶିବାଶିଷ ସାହୁ ଅମ୍ପାୟାର ଭାବେ ଦାୟିତ୍ୱ ତୁଲାଇଥିଲେ। ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲ୍ଲାର ନାମୀଦାମୀ ଦଳ ଅଂଶଗ୍ରହଣ କରୁଥିବା ବେଳେ ଷ୍ଟାର ୱାରିୟର୍ସ କେନ୍ଦ୍ରାପଡ଼ା, ମହାବୀର-୧୧ ଜଗତସିଂହପୁର, ନୋ କମ୍ପ୍ରୋମାଇଜ୍ ଭୁବନେଶ୍ୱର, ଶିଭାଂଶ-୧୧ ପୁରୀ, ସିଆରଏନ-୧୧ ତାଳଚେର, ଏନସିଟି ପିପିଲି, ଡିସିସି ସନ୍ଥପୁରା କେନ୍ଦ୍ରାପଡ଼ା ଓ ଡ୍ରିମ-୧୧ ଢେଙ୍କାନାଳ ମଧ୍ୟରେ ମୁକାବିଲା ଅନୁଷ୍ଠିତ ହେବ। ଆସନ୍ତା ୫ ଜୁନ ସନ୍ଧ୍ୟା ୭ଟାରେ ଫାଇନାଲ ମ୍ୟାଚ୍ ଖେଳାଯିବ। ବିଜେତା ଦଳକୁ ୫୦ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ୪୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ରାହାମା ଅଞ୍ଚଳରେ ଏହି ନାଇଟ୍ କ୍ରିକେଟ୍ ମହାକୁମ୍ଭକୁ ନେଇ ଖେଳପ୍ରେମୀଙ୍କ ମଧ୍ୟରେ ବେଶ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଥିଲା ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati    Executive Editor : Satyajit Mohapatra    Managing Editor : Jitendra Ku. Pati